# ଦରପୋଡ଼ା ଶବ ଉଦ୍ଧାର ଘଟଣାରେ ୪ ଗିରଫ

ଶେରଗଡ଼,୫।୨(ସମିସ):



ଗତ ୩୧ ତାରିଖରେ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ନିକଟସ୍ଥ ଜଙ୍ଗଲରୁ ଏକ ଦରପୋଡ଼ା ଶବ ଶେରଗଡ ପୁଲିସ ଜବତ କରିଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୃତକ ହେଲେ ତେଲେଙ୍ଗାନା ରାଜ୍ୟ ସାଙ୍ଗାରେଡି ଜିଲ୍ଲାର ପାଟାଞ୍ଚେରୁ ଥାନା ଅନ୍ତର୍ଗତ ମୁଥାଙ୍ଗୀ ଗ୍ରାମର ବଦାରି ମାତାପଲ୍ଲୀଙ୍କ ପୁଅ ବଦାରି ଗୌରୀନାଥ ଓରଫ ଚାଣ୍ଟି ଓରଫ ସଞ୍ଜୟ ରାଓ (୨୫)। ମୃତ ଗୌରୀନାଥ ଅଭିଯୁକ୍ତ ମାନଙ୍କ ସହିତ ଗଞ୍ଜାମରୁ ତିରୁପତିକୁ ନିରନ୍ତର ଭାବେ ଗଞ୍ଜେଇ ଚାଲାଣ କରୁଥିଲେ। ଗୌରୀନାଥ ବେପାରରେ ଅର୍ଥ ଲଗାଇ ଥିଲେ। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଆସିକା ଥାନା ନଳବଣ୍ଟା ଗ୍ରାମର ହୀନ ପାହାନଙ୍କ ପୁଅ ବଳରାମ ପାହାନ (୧୯) ଲାଭରୁ ଅଧିକ ଭାଗ ମାଗିଥିଲେ। ଯାହା ଫଳରେ ଗୌରୀନାଥ ରାଗରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ବଳରାମଙ୍କୁ ଗଞ୍ଜେଇ ବେପାରରେ ଫସାଇ ଜେଲ ପଠାଇ ଦେଇଥିଲେ। ଏହା ପରେ ଗୌରୀନାଥ ବଳରାମଙ୍କୁ ଜେଲରୁ ମୁକୁଳାଇବା ଲାଗି କୌଣସି ଚେଷ୍ଟା କରିନଥିଲେ ଏବଂ ବଳରାମ ନିଜସ୍ୱ ଖର୍ଚ୍ଚ ଓ ଚେଷ୍ଟାରୁ ଜେଲରୁ ବେଲ୍ ପାଇ ମୁକୁଳିଥିଲେ। ଏହା ପରେ ଦୁହିଁଙ୍କ ମଧ୍ୟରେ ଶତ୍ରୁତା ସହ ଆରମ୍ଭ ହୋଇଥିଲା ମିଶନ ଚାଣ୍ଟି। ଗତ ୩୦ ତାରିଖ ଦିନ ଚାଣ୍ଟି ଓ ବଳରାମ ଦୁହେଁ ଭେଟ ହେବା ସହ ପ୍ରବଳ ମଦ୍ୟପାନ କରିଥିଲେ। ପ୍ରବଳ ମଦ୍ୟପାନ କରିବା ପରେ ଉଭୟଙ୍କ ମଧ୍ୟରେ ଜେଲରୁ ବେଲରେ ଆସିବା ବେଳେ ଖର୍ଚ୍ଚ କରିଥିବା ଅର୍ଥ ବଳରାମ ଗୌରୀନାଥଙ୍କୁ ମାଗିଥିଲା ଏବଂ ଉଭୟଙ୍କ ମଧ୍ୟରେ ଝଗଡା ସହ ପ୍ରବଳ ମାରପିଟ ହୋଇଥିଲା। ଏଥିରେ ନିଶାସକ୍ତ ଥିବା ଗୌରୀନାଥଙ୍କ ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ ବଳରାମ କାଟି ହତ୍ୟା କରିଥିଲେ। ହତ୍ୟା କରିବା ପରେ ବଳରାମ ଶେରଗଡ ଥାନା ବନ୍ଧାଗୁଡା ପଞ୍ଚାୟତ ଷଢଙ୍ଗୀପଲ୍ଲି ଗ୍ରାମର ଅଜିତ ଗୌଡ଼(୨୪) ଙ୍କୁ ଜଣାଇବା ପରେ ପେଟ୍ରୋଲ

## ଗଞ୍ଜେଇ ବେପାର ଓ ପୂର୍ବଶତ୍ରୁତାରୁ ହତ୍ୟା

ଆଣିବାକୁ କହିଥିଲେ। ପରେ ଅଜିତ ନିଜର ସହଯୋଗୀ ସମ୍ବିତ ଗୌଡ଼(୧୯)ଙ୍କ ଠାରୁ ପେଟ୍ରୋଲ ଆଣିଥିଲେ। ପେଟ୍ରୋଲ ଆଣିବା ପରେ ଗୌରୀନାଥ ଓରଫ ଚାଣ୍ଟିଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଉକ୍ତ ଦିନ ସନ୍ଧ୍ୟାରେ କୁଲାଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୃନ୍ଦାବନ ଗୌଡ଼ ପୁଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୁଲିସ ଶବ ଜବତ କରିବା ସହ ବିଭିନ୍ନ ଥାନାକୁ ଶବ ଚିହ୍ନଟ ଲାଗି ଖବର ଦେଇଥିଲେ। ଏହା ପରେ ଅପରାଧୀଙ୍କୁ ଧରିବା ଲାଗି ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଜେନା ଜାଲ ବିଛାଇଥିଲେ। ପ୍ରଥମେ ମୁଖ୍ୟ ଅଭିଯୁକ୍ତ ବଳରାମ ପାହାନ ଏବଂ ତାଙ୍କୁ ସହଯୋଗ କରିଥିବା ନଳବଣ୍ଟା ଗ୍ରାମର ରୋହିତ ପରିଡାଙ୍କ ପୁଅ ଲେମନ (୨୪)ଙ୍କୁ ଗିରଫ କରିଥିଲା। ପରେ ଅନ୍ୟ ଦୁଇ ସହଯୋଗୀ ଅଜିତ ଗୌଡ ଏବଂ ସମ୍ବିତ ଗୌଡଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀମା ସ୍ୱାଇଁ, ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଜେନା, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଅତିରିକ୍ତ ଥାନାଧିକାରୀ ଜ୍ଞାନ ରଞ୍ଜନ ସେଠି, ଏସଆଇ ରାଜା ରଞ୍ଜନ ନାୟକ, ଏଏସଆଇ କୃଷ୍ଣଚନ୍ଦ୍ର ଦାସ, ଏଏସଆଇ କିଶୋର କୁମାର ପାଳ, ଏଏସଆଇ ସମୀର କୁମାର ସୁନାଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗାଧୁଆ ତୁଠ ମରାମତି ଦାବି

ପୋଲସରା,୫।୨(ସମିସ): ଖସଡ଼ିଆ ଅଣଓସାରିଆ ରାସ୍ତା ସାଙ୍ଗକୁ ଆବୁଖାବୁ ପଥର ଚଟାଣ ଏବଂ ଶିଉଳିଆ ସିମେଣ୍ଟ ପାହାଚ। ଟିକେ ଅସାବଧାନତା ହେଲେ ପାଣିରେ ପଡିବା ନ ହେଲେ ମୁଣ୍ଡରେ ଗଭୀର ଆଘାତ ଲାଗିବା ଭଳି ସ୍ଥିତି ଉପୁଜୁଛି। ବିଗତ କିଛି ଦିନହେଲା ଲୋକଙ୍କ ପାଇଁ ଯମ ଦ୍ୱାରା ପାଲଟିଛି ଏହି ରାସ୍ତା ଓ ଅଭିଶପ୍ତ ନଦୀ ତୁଠ। ପୋଲସରା ମ୍ୟୁନିସିପାଲିଟି ୩ ନମ୍ବର ୱାର୍ଡ ଅନ୍ତର୍ଗତ ମୁଖ୍ୟ ସଡ଼କ ଦେଇ ଯାଇଥିବା ଧନେଇ ନଦୀ ବା ଲେମ୍ବୁଘାଇର ଏକ ପାଶ୍ୱର୍ରେ



ଦୀର୍ଘ ବର୍ଷ ଧରି ଅସ୍ଥାୟୀ ଭାବେ ନିର୍ମିତ ହୋଇଛି ଏହି ନଦୀ ତୁଠ। ଯାହାଫଳରେ ଦୈନିକ ଶତାଧିକ ମହିଳା ଓ ପୁରୁଷ ସ୍ନାନ ଓ ଶୌଚ କରିବା ପାଇଁ ଏଠାକୁ ଆସିଥାନ୍ତି ଓ କିଛି ନା କିଛି ଦୁର୍ଘଟଣାର ଶିକାର ମଧ୍ୟ ହୋଇଥାନ୍ତି ତଥାପି ଅନ୍ୟ କୌଣସି ଉପାୟ ନପାଇବା ଏବଂ ବର୍ଷ ତମାମ ଏହି ସ୍ଥାନରେ ଭରପୁର ପାଣି ରହିଥିବାରୁ ଏହି ତୋଠକୁ ହିଁ ବ୍ୟବହାର କରନ୍ତି। ମୁଖ୍ୟତଃ ବାହାର ଅଞ୍ଚଳରୁ ଆସୁଥିବା ଟ୍ରକ ଓ ଅନ୍ୟ ଗାଡିର ଡ୍ରାଇଭର ଓ କର୍ମଚାରୀ ବ୍ୟବହାର କରିଥାନ୍ତି ଯେହେତୁ ସେମାନେ ତୁଠ ପ୍ରତି ଅଭ୍ୟାସ ଓ ଜାଗ୍ରତ ନଥିବା ହେତୁ ଅନେକ ସମୟରେ ଗୋଡ ଖସି ଭାରସ୍ୟାମ ହରାଇ ଆହତ ହୋଇଥିବା ନଜିର ଅଛି। କେବଳ ତୁଠର ସମସ୍ୟା ନୁହେଁ ଏହି ନଦୀ ତୁଠକୁ ସଂଯୋଗ କରୁଥିବା ଅସ୍ଥାୟୀ ରାସ୍ତାଟି ପୋଲସରା ମୁଖ୍ୟ ରାସ୍ତା ସହ ସଂଯୋଗ କରୁଥିବାରୁ ଅଧିକାଂଶ ସମୟରେ ବଡ ଦୁର୍ଘଟଣା ମଧ୍ୟ ଘଟୁଥିବା ଏବେ ନିତିଦିନିଆ କଥା ପାଲଟିଗଲାଣି। ତେଣୁ ତୁରନ୍ତ ତୋଠର ମରାମତି ଓ ଉକ୍ତ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା

# କାମ କରୁ ନ ଥିବା ଏଜେନ୍ସିକୁ ଜେଲ୍ ପଠାଇବାକୁ ତାଗିଦ




ଛତ୍ରପୁର,୫।୨(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଲୋକଙ୍କୁ ଉତ୍ତମ ସେବା ପ୍ରଦାନ କରିବାରେ ବିଡ଼ିଓ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ଗରିବ ଲୋକ ମାନେ ଯେପରି ସରକାରଙ୍କ ସମସ୍ତ ସୁବିଧା ପାଇ ପାରିବେ ସେଥିପାଇଁ ଏବେଠୁ ପ୍ରୟାସ ଆରମ୍ଭ କରିବାକୁ କହିବା ସହିତ ଏହାକୁ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ନାଏକ ସମସ୍ତ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାମ କରୁଥିବା ଏଜେନ୍ସି ମାନେ କାର୍ଯ୍ୟରେ ବିଳମ୍ବ କରୁଥିବାରୁ ସେମାନଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିବା ସହିତ ଜେଲ ପଠାଇବାକୁ ମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଚରମବାଣୀ ଶୁଣାଇଥିଲେ। ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ବିଭାଗର ବଳକା ଥିବା କାର୍ଯ୍ୟକୁ ଯଥା ଶୀଘ୍ର ସାରିବାକୁ ମନ୍ତ୍ରୀ କହିଥିଲେ। ଗଂଜାମ ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ନାଏକ ସନ୍ତୋଷ ବ୍ୟକ୍ତ କରିବା ସହିତ ଲବଣାକ୍ତ ଜଳ ଯୋଗୁଁ ଜିଲ୍ଲାରେ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସୁବଳ, ସୁନାପୁର ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପାନୀୟ ଜଳ ପ୍ରକଳ୍ପ ଗୁଡିକୁ ୨/୩ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିରେ ବ୍ୟତିକ୍ରମ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ଚେତାବନୀ ଦେଇଛନ୍ତି। ସେହିପରି ଗ୍ରାମୀଣ ଆବାସ ଯୋଜନା ଉପରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ପକ୍କା ଘର ଯୋଗାଇଦେବାକୁ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ମନେରଗା ଯୋଜନା ଅଧୀନରେ କିପରି ଅଧିକରୁ ଅଧିକ ଲୋକ କାମ କରିବେ ଓ ଶ୍ରମିକ କାର୍ଡ ନବୀକରଣ ଉପରେ ପ୍ରାଧାନ୍ୟ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବରିଷ୍ଠ ବିଭାଗୀୟ ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ।

# ପ୍ରାକ୍ତନ ସାଂସଦଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ

କବିସୂର୍ଯ୍ୟନଗର,୫।୨(ସମିସ): କବିସୂର୍ଯ୍ୟନଗର ପଥରା ସ୍ଥିତ ବାସଭବନ ଠାରେ ପ୍ରାକ୍ତନ ଆସିକା ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲା ବହୁ ବିଜେଡି ନେତା, କର୍ମକର୍ତ୍ତା, ଶୁଭେଚ୍ଛୁ ଏକତ୍ରିତ ହୋଇଥିଲେ। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ମହିଳା ସଂକୀର୍ତ୍ତନ ଦଳ ଦ୍ୱାରା ବିଭିନ୍ନ ଭଜନ, ପ୍ରାର୍ଥନା, ଜଣାଣ ଆୟୋଜିତ ହୋଇଥିଲା। ଏହି ଅବସରରେ ତାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ଚାଉପଟ୍ଟନାୟକ, ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଷୋୟୀ ସମେତ ବହୁ ମାନ୍ୟଗଣ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ପରିବାର ପକ୍ଷରୁ ସହଧର୍ମିଣୀ ତଥା ପ୍ରାକ୍ତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୁଅ ନଚିକେତା ଓ ଅଶ୍ୱିନୀ, ଜ୍ୟୋତିର୍ମୟୀ, ମମତା ଆଦି ଶୁଭେଚ୍ଛୁଙ୍କ ସମବେଦନା ଗ୍ରହଣ କରିଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



ଭଞ୍ଜନଗର,୫।୨(ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମ ମୁଖ୍ୟ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଷଲ। ତେବେ ପୁଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ତତ୍କାଳ ସହାୟତା ପ୍ରଦାନ କରିବା ସହ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ପଞ୍ଚାୟତର ଗୁଡିଆମ୍ବା ଗ୍ରାମର ଅଚ୍ୟୁତାନନ୍ଦ ସାହୁ (୪୦) ୮ ଦିନ ପୂର୍ବେ କୌଣସି କାମରେ ଜିଲୁଣ୍ଡି ଆସୁଥିବା ବେଳେ ରାସ୍ତାରେ ମଳାସପଦର ଛକ ନିକଟରେ ଏକ ଅଜଣା ଟ୍ରକ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଗୁରୁତର ଅଚ୍ୟୁତାନନ୍ଦଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବା ପରେ ଶବ ନେଇ ପରିବାର ଲୋକେ ଗାଁକୁ ଫେରିବା ପରେ ଜିଲୁଣ୍ଡି ମୁଖ୍ୟ ରାସ୍ତାରେ ଶବ ରଖି ରାସ୍ତାରୋକ କରିଥିଲେ। ଏସପି ରଞ୍ଜନ କୁମାର ଦେ, ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କ ସମେତ ବହୁ ଥାନା ଷ୍ଟାଫ୍ ଓ ଫୋର୍ସଙ୍କ ଉପସ୍ଥିତିରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ମୃତକଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଆଉ ପରିବାର ଲୋକେ ଶବକୁ ନେଇ ଗୁଡିଆମ୍ବା ଗାଁକୁ ଯାଇ ସେଠାରେ ଅନ୍ତିମ ସତ୍କାର କରିଥିଲେ। ମୃତ ଯୁବକ ଅତ୍ୟନ୍ତ ଗରିବ ଓ ଅସହାୟ ବ୍ୟକ୍ତି ଥିଲେ। ତାଙ୍କର ଗୋଟିଏ ପୁଅ ଓ ୨ଟି ଝିଅ ଅଛନ୍ତି। ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବିଶେଷଙ୍କୁ ହରାଇ ଏବେ ଏହି ପରିବାର ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେହିପରି ଖୁବଶୀଘ୍ର ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଖୋଜି ବାହାର କରାଯିବ ଓ ସଂପୃକ୍ତ ପରିବାର ନ୍ୟାୟ ପାଇବ ବୋଲି ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ସ୍ୱାମୀ ଗଲେ ଜେଲ୍

ଦିଗପହଣ୍ଡି, ୫।୨(ସମିସ): ଦିଗପହଣ୍ଡି ଥାନା ଅନ୍ତର୍ଗତ ଜକରାପଲ୍ଲୀ ଗ୍ରାମରେ ଅଧିକା ଯୌତୁକ ପାଇଁ ସନ୍ଧ୍ୟା ବିଷୋୟୀ(୨୩)ଙ୍କୁ ବୁଧବାର ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୋଜନାବଦ୍ଧ ଭାବେ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସନ୍ଧ୍ୟାଙ୍କ ମା'ସବିତା ସ୍ୱାଇଁଙ୍କ ଏତଲା କ୍ରମେ ଥାନା ମାମଲା ନଂ.୩୯/୨୬ ଭାରତୀୟ ନ୍ୟାୟ ସଂହିତା ର ଦଫା - ୮୦/୮୫/୧୦୩(୧)/୩(୫) ଏବଂ ଯୌତୁକ ନିରୋଧ ଆଇନ ଧାରା - ୪ ଅନୁଯାୟୀ ଗୁରୁବାର ସନ୍ଧ୍ୟାଙ୍କ ସ୍ୱାମୀ ତଥା ଅଭିଯୁକ୍ତ ଅଜିତ ବିଷୋୟୀଙ୍କୁ ତଦନ୍ତକାରୀ ଅଧିକାରୀ ଏସ.ଆଇ ସୋଫିଆ ମିଶ୍ର ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ବ୍ରହ୍ମପୁରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଜିତଙ୍କ ଘର ଭିତରୁ କୀଟନାଶକ ପ୍ୟାକେଟ ଖୋଳ, ବିଷ ପ୍ରକ୍ରିୟା ପରେ ସନ୍ଧ୍ୟା କରିଥିବା ବାନ୍ତି ଓ ତାଙ୍କ ପିନ୍ଧା ଲୁଗାକୁ ଜବତ କରି ପରୀକ୍ଷା ନିମନ୍ତେ ଫରେନ୍ସିକ୍ ଲାବ୍ରୋଟରିକୁ ପଠାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି। ଅପରପକ୍ଷେ ଘଟଣା ପରେ ଶ୍ୱଶୁର ନିରଞ୍ଜନ ବିଷୋୟୀ, ଶାଶୁ ଓ ଦିଅର ଫେରାର ଥିବା ଜଣାପଡିଛି। ଗତ ୨୦୨୧ ଡିସେମ୍ବର ୧୧ ତାରିଖରେ କୁକୁଡ଼ାଖଣ୍ଡି ବ୍ଲକ ଲାଠି ଗ୍ରାମର କାଳିଆ ସ୍ୱାଇଁଙ୍କ ଝିଅ ସନ୍ଧ୍ୟା ଜକରାପଲ୍ଲୀ ଗ୍ରାମର ନିରଞ୍ଜନ ବିଷୋୟୀଙ୍କ ପୁଅ ଅଜିତଙ୍କୁ ବିବାହ କରିଥିଲେ। ତାଙ୍କ ୪ ବର୍ଷ ବୟସର ଏକ ପୁତ୍ର ସନ୍ତାନ ଅଛି। ସନ୍ଧ୍ୟା ଅନ୍ୟ ଜଣେ ଯୁବକଙ୍କ ସହ ସଦାସର୍ବଦା ଫୋନରେ କଥା ହେଉଥିବାରୁ ଅଜିତ ତାଙ୍କ ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ। ଅଜିତ ଏନେଇ ତାଙ୍କ ଶାଶୁ, ଶଶୁରଙ୍କୁ ଜଣାଇଥିଲେ। ତଥାପି ସନ୍ଧ୍ୟା ନ ସୁଧୁରିବା କାରଣରୁ ଅଜିତ ତାଙ୍କୁ ଏକାଧିକ ଥର ମାଡ଼ ମାରିବା ସହ ବାପ ଘରୁ ଅଧିକା ଯୌତୁକ ଆଣିବାକୁ ବାଧ କରୁଥିଲେ। ବାହାର ରାଜ୍ୟରେ ଦାଦନ ଖଟିବାକୁ ଯାଇଥିବା ଅଜିତ କିଛିଦିନ ପୂର୍ବେ ନିଜ ଗାଁକୁ ଫେରିବା ପରେ ଶ୍ୱଶୁର ଘରକୁ ଯାଇଥିଲେ। ଘରେ ଶ୍ରାଦ୍ଧ ଭୋଜି ଥିବା କହି ସନ୍ଧ୍ୟାଙ୍କୁ ତାଙ୍କ ଘରକୁ ପଠାଇବାକୁ ଶାଶୁଙ୍କୁ କହିଥିଲେ। ଗତ ୧ ତାରିଖରେ ସନ୍ଧ୍ୟାଙ୍କ ଭାଇ ବିଜୁଳି ସ୍ୱାଇଁ ଭଉଣୀ ଓ ଭଣଜାଙ୍କୁ ଜକରାପଲ୍ଲୀ ଗାଁରେ ଛାଡିଥିଲେ। ବୁଧବାର ପୂର୍ବାହ୍ନରେ ସନ୍ଧ୍ୟାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଖବର ପାଇ ସନ୍ଧ୍ୟାଙ୍କ ବାପ ଘର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣା ଜାଣିଥିଲେ। ପରେ ସନ୍ଧ୍ୟାଙ୍କ ମା'ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

### ମନରେଗାରୁ ମହାତ୍ମା ଗାନ୍ଧୀଙ୍କ ନାଁ ବାଦ୍‌କୁ ବିରୋଧ

# ବ୍ଲକ କଂଗ୍ରେସର ପ୍ରତିବାଦ ସଭା



ଶେରଗଡ଼,୫।୨(ସମିସ): ମନରେଗା ଯୋଜନାକୁ କେନ୍ଦ୍ର ସରକାର ବିକୃତ କରିଦେଇଛନ୍ତି। ଭିବିରାମଜି ଯୋଜନା କରି ସେଥିରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ଗାନ୍ଧୀଙ୍କୁ ଅସମ୍ମାନିତ କରାଯାଇଛି। ତେଣୁ ଏହି ଯୋଜନାକୁ ମୂଳ ରୂପକୁ ଫେରାଇ ଆଣିବା ଲାଗି ଆଜି ଶେରଗଡ ବ୍ଲକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଶେରଗଡ ସ୍ଥିତ ମା'ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଏଭଳି ଚକ୍ରାନ୍ତକୁ ନିନ୍ଦା କରାଯାଇଥିଲା। କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦ ପ୍ରତିଶତରୁ ୬୦ ପ୍ରତିଶତ କମାଇ ରାଜ୍ୟ ଓ ଶ୍ରମିକ ଉପରେ ଆର୍ଥିକ ଭାର ଲଦି ଦେବ। କୃଷି ଋତୁରେ ମଧ୍ୟ ସୀମିତ ବଜେଟ ଯୋଗୁଁ କାମଧନ୍ଦା ନମିଳିବାର ଆଶଙ୍କା ସୃଷ୍ଟି ହେବ। ମଜୁରୀ ସୁରକ୍ଷା ଶିଥିଳତା ଯୋଗୁଁ ରୋଜଗାର କମିବାର ଥୟ ହେବ। ମଜୁରୀ କମିଲେ ଗ୍ରାମୀଣ ଦୁଃଖ ବଢ଼ିବ। ତେଣୁ କେନ୍ଦ୍ର ସରକାର ବିରୋଧରେ ଆଗାମି ଦିନରେ ଆନ୍ଦୋଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥି ସହିତ ଧାନମଣ୍ଡିରେ ଚାଷୀମାନଙ୍କ ଧାନ କିଣିବାରେ ଯେଉଁ ଅସୁବିଧା ସୃଷ୍ଟି ହୋଇଛି, କଂଗ୍ରେସ ଦଳ ତାହାର ମଧ୍ୟ ପ୍ରତିବାଦ କରିବା ସହିତ ପ୍ରଶାସନ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରି ଗରିବ, ଖଟିଖିଆ ଓ ଚାଷୀଙ୍କ ଲାଗି ଦଳର ପ୍ରତ୍ୟେକ ନେତା ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ବୈଠକରେ ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ହିଞ୍ଜିଳିକାଟୁ ପୂର୍ବତନ ବ୍ଲକ ସଭାପତି ତଥା ଓଡିଶା କୃଷକ ମୋର୍ଚ୍ଚା ଉପସଭାପତି ଶିବରାମ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ପ୍ରକାଶ ବିଷୋୟୀ, ରଜନୀକାନ୍ତ ବିଷୋୟୀ, ପ୍ରଭାକର ପାଣିଗ୍ରାହୀ, ଇ.ଚିନ୍ମୟ ପାତ୍ରଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ପ୍ରଶାସନର ନିର୍ଦ୍ଦେଶକୁ ମିଲର୍‌ଙ୍କ ବେଖାତିର

# ଧାନ ବିକ୍ରି ଲାଗି ଚାଷୀ ଦହଗଞ୍ଜ

ପୋଲସରା,୫।୨(ସମିସ):

ପୋଲସରା ବ୍ଲକରେ ଧାନମଣ୍ଡି ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପ୍ରଶାସନ ଗୋଟିଏ କଥା କହୁଥିବା ବେଳେ ମିଲର ଅଲଗା ନିୟମ ଲାଗୁ କରୁଥିବା ଭଳି ଅଭିଯୋଗ ଆସିଛି। ସ୍ଥାନୀୟ ଚାଷୀଙ୍କୁ ମିଲର ମନେ ଅଣଦେଖା କରୁଥିବା ନେଇ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ପୋଲସରା ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତ ମଧ୍ୟରେ ରହିଛନ୍ତି ୫ହଜାର ୮ସହ ୩୩ ଜଣ ପଞ୍ଜିକୃତ ଚାଷୀ। ଯାହାକି ଧାନମଣ୍ଡିକୁ ଧାନ ଦେବା ଲାଗି ନିଜର ନାମ ପଞ୍ଜିକରଣ କରିଛନ୍ତି। ସେଥି ଲାଗି ଚାଷୀଙ୍କ ଧାନ ଉଠାଇବା ଲାଗି ୧୬ଟି ପାକ୍ସ ଓ ୫ଟି ମହିଳା ଗୋଷ୍ଠୀକୁ ରାଜ୍ୟ ସରକାର ମାନ୍ୟତା ଦେଇଛନ୍ତି। ଏଥି ସହିତ କେଉଁ ସେବା ସମବାୟ ସମିତି ଓ ସୋସାଇଟି ଠାରୁ କେଉଁ ମିଲର ଧାନ ନେବ ତାହା ମଧ୍ୟ ସରକାର ସ୍ଥିର କରିଛନ୍ତି ତାହା ପୁଣି ବିନା କଟନୀ ଛଟନିରେ ଉଠାଇବେ। ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ଭାଷଣରେ କଟନୀ ଛଟନିକୁ ବରଦାସ୍ତ କରାଯିବନି ଆଉ ମିଲରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କିନ୍ତୁ କଥା ସବୁ ପାଣିରେ ଗାର ହୋଇ ରହିଗଲା। ରାଜ ନେତା, ମନ୍ତ୍ରୀ ଓ ପ୍ରଶାସନର ଘୋଷଣା ସତ୍ତ୍ୱେ ଚାଷୀ ଅଧିକ ଲୁଣ୍ଠିତ ହେଉଛି। ପୋଲସରା ବ୍ଲକରେ ଚାଷୀଙ୍କୁ ଏବେ କୁଇଣ୍ଟାଲ ପିଛା ଅଧିକ ୫ ରୁ ୬ କେଜି ଦେବାକୁ ପଡୁଛି। ସୁତୁଲି ଅଖାର ଓଜନ ୫ଶହ ୨୦ ଗ୍ରାମର ଓଜନ ବଦଳରେ ମିଲର କିନ୍ତୁ ୭୦୦ ଗ୍ରାମ ଓଜନ କାଟୁଥିବା ଅଭିଯୋଗ ଆସିଛି। ଓଜନରେ ମଧ୍ୟ ବ୍ୟାପକ ଠକେଇ ହେଉଥିବା ବେଳେ ୧୦୦, ୨୦୦, ୩୦୦ ଗ୍ରାମକୁ ହିସାବକୁ ନିଆଯାଉନଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଚାଷୀ। ଏନେଇ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ ଓ ଯୋଗାଣ ବିଭାଗର ନିରବଦ୍ରଷ୍ଟା ଯୋଗୁଁ ଚାଷୀ ଆଜି ଅବହେଳିତ ହୋଇ ଲୁଣ୍ଠିତ ହେଉଛି। ଚାଷୀଙ୍କ ପ୍ରମୁଖ ସମସ୍ୟା କଟନୀ ଛଟଣି ଓ ଅଖା ର ଓଜନ ସମସ୍ୟା ନେଇ ଋଷିକୂଲ୍ୟା ରୟତ ମହାସଭା ପୋଲସରା ଶାଖାର ଆବାହକ ତଥା ସାମ୍ବାଦିକ ଶିବ ପ୍ରସାଦ ସାହୁ ଜିଲ୍ଲା ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଦ୍ୟୁମ୍ନ କୁମାର ରାଉତରାୟ ଓ ବ୍ଲକ ଯୋଗାଣ ନିରୀକ୍ଷକ ସନ୍ଦୀପ କୁମାର ବେହେରାଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆଗାମୀ ଦିନରେ ପ୍ରମୁଖ ସମସ୍ୟାର ସମାଧାନ ନ ହେଲେ ଋଷିକୂଲ୍ୟା ରୟତ ମହାସଭା ଗଣ ଆନ୍ଦୋଳନ କରିବ ବୋଲି ଋଷିକୂଲ୍ୟା ରୟତ ମହାସଭାର ଆବାହକ ହୀନ ସ୍ୱାଇଁ, ଉପଦେଷ୍ଟା ମୁନି ରଥ, ସଂଯୋଜକ ନାରାୟଣ ପ୍ରଧାନଙ୍କ ସମେତ ଶଙ୍କର ଡାକୁଆ, ଦୁଃଖିଶ୍ୟାମ ପ୍ରଧାନ, ଜ୍ୟୋତିର୍ମୟ ଦାସ ସହ ବହୁ ଚାଷୀ ପ୍ରକାଶ କରିଛନ୍ତି।

### ଅଧପନ୍ତରିଆ ମନରେଗା ରାସ୍ତା କାମ

# ମେଟାଲ ବିଛାଇ ବିଲ୍ କରାଯାଇଥିବା ଅଭିଯୋଗ

କୁକୁଡାଖଣ୍ଡି,୫।୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ମୁଖ୍ୟ ରାସ୍ତା ଠାରୁ ପଦରବାଲି ସିଦ୍ଧ ବିନାୟକ ନଗର ପର୍ଯ୍ୟନ୍ତ ମେଟଲ୍ ଓ ମୁରୁମ୍ ରୋଡ଼ ନିର୍ମାଣ ପାଇଁ ଆର୍ଥିକ ବର୍ଷ ୨୦୨୪–୨୫ରେ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୨୮.୫.୨୦୨୫ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କେବଳ ମେଟଲ୍ ଢ଼ଳେଇ ଛଡା ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କିଛି ହୋଇନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ପରେ କୁକୁଡାଖଣ୍ଡି ବ୍ଲକ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯିବାରୁ ସମ୍ପୃକ୍ତ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କହିଥିଲେ ଓ ବର୍ତ୍ତମାନ ସୁଦ୍ଧା କେବଳ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କୁ ପାରିଶ୍ରମିକ ଛାଡ଼ ଅନ୍ୟ କୌଣସି ବିଲ୍ ପ୍ରଦାନ କରାଯାଇନାହିଁ। ତଥାପି କାମ ଅଧାରେ ରହିଯାଇଥିବା ଓ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ ହେବାକୁ ନେଇ ଅଞ୍ଚଳବାସୀ ବ୍ଲକ ପ୍ରଶାସନିକ ଅଧିକାରୀ ହସ୍ତକ୍ଷେପ କରି ଏହି ଘଟଣାର ତଦନ୍ତ ନିମନ୍ତେ ଦାବି ହେଉଛି।

# ଆମ୍ବତୋଟାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା,୫।୨(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆ ବୋରଦା ଗ୍ରାମ ନିକଟସ୍ଥ ଏକ ଆମ୍ବ ତୋଟାରୁ ଗୋଟିଏ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ବେଳଗୁଣ୍ଠା ଥାନା ଅଧିନସ୍ଥ ଇନ୍ଦ୍ରଗଡ ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ। ଏନେଇ କେସ୍‌ନଂ ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ଶ୍ରୀକାନ୍ତ ପିଲାବେଳୁ ଗୌଡ଼ିଆବୋରଦା ମାମୁଁ ଘରେ ରହୁଥିବା ବେଳେ ସେ କିଡ଼ିନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ରୋଗକୁ ନେଇ ସେ ମାନସିକ ଚିନ୍ତାରେ ରହିଥିବା ବେଳେ ଗତ ମାସ ୧୬ ତାରିଖରୁ ନିଖୋଜ ଥିଲେ। ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ଆମ୍ବ ତୋଟାକୁ ଯାଇଥିବା ସମୟରେ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି ପରେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାନସିକ ଅବସାଦରେ ଆମ୍ବହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ସନ୍ଦେହ କରୁଥିବା ବେଳେ ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

## ଏମ୍‌କେସିଜିରେ ଅପ୍ରୀତିକର ପରିସ୍ଥିତି

# ଶତାଧିକ ନର୍ସଙ୍କ ବଦଳି; ରୋଗୀସେବା ବ୍ୟାହତ

**■ ବିଭାଗୀୟ ମୁଖ୍ୟ, ଇନଚାର୍ଜ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ**

**■ କାର୍ଯ୍ୟକାରୀ ନହୋଇ ଫାଇଲରେ ଅଟକିଛି ଅଧୀକ୍ଷକଙ୍କ ନିର୍ଦ୍ଦେଶନାମା**




ବ୍ରହ୍ମପୁର,୫ ।୨(ସମିସ): ଏମକେସିଜି ମେଡ଼ିକାଲର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟରତ ଶତାଧିକ ନର୍ସ ଅଫିସରଙ୍କୁ ଏକକାଳୀନ ଅନ୍ୟ ବିଭାଗକୁ ବଦଳି କରାଯାଇଛି। ଯାହାକୁ ନେଇ ବର୍ତ୍ତମାନ ମେଡ଼ିକାଲ ସ୍ୱାସ୍ଥ୍ୟସେବାରେ ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଛି। କିଛିଦିନ ପୂର୍ବେ କାର୍ଯ୍ୟରତ ୧୫୯ଜଣ ନର୍ସ ଅଫିସରଙ୍କୁ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ବଦଳି କରାଯାଇଛି। ଏହି ବଦଳି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବା ପରେ ଏମକେସିଜିର ବିଭିନ୍ନ ୱାର୍ଡ, ଆଇସିୟୁ, ଶିଶୁ ବିଭାଗ ଏବଂ ଅସ୍ତ୍ରୋପଚାର ଗୃହରେ ରୋଗୀସେବାରେ ବ୍ୟାଘାତ ହୋଇଛି। ଗୋଟିଏ ସ୍ଥାନରୁ ଏକକାଳୀନ ସମସ୍ତ ବରିଷ୍ଠ ତଥା ଅଭିଜ୍ଞ ନର୍ସ ଅଫିସରଙ୍କୁ ବଦଳି କରାଯିବା ଫଳରେ ଏହି ସମସ୍ୟା ଉପୁଜିଛି। ତେବେ ଏହି ସମସ୍ୟାକୁ ନେଇ ଏମକେସିଜିର ଏକାଧିକ ବିଭାଗୀୟ ମୁଖ୍ୟ ଡାକ୍ତରଙ୍କ ସମେତ ବହୁ ଇନଚାର୍ଜ ନର୍ସ ଅଫିସର ଏମକେସିଜି ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ବଦଳି ନିର୍ଦ୍ଦେଶର ସମୀକ୍ଷା କରିବାକୁ ଏମକେସିଜି ଅଧୀକ୍ଷକଙ୍କ ପକ୍ଷରୁ ନର୍ସ ଅଧୀକ୍ଷକଙ୍କୁ ପରାମର୍ଶ ଦିଆଯାଇଛି। ଏହା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବା ଜଣାପଡିଛି। କେବଳ କର୍ମଚରୀ ନୁହେଁ ବରଂ ଏହାକୁ ନେଇ ବର୍ତ୍ତମାନ ଜନପ୍ରତିନିଧିଙ୍କ ମଧ୍ୟରେ ବି ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆସିକା ସାଂସଦଙ୍କ ପ୍ରତିନିଧି ସୀତାଂଶୁ ପଣ୍ଡା ଏମକେସିଜି ମେଡ଼ିକାଲ ଅଧୀକ୍ଷକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗ, ୱାର୍ଡ, ପ୍ରାୟ ୫ଶହ ନର୍ସ ଅଫିସର କାର୍ଯ୍ୟରତ। ତେବେ କିଛି ନର୍ସ ଅଫିସର ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରିଆସୁଥିଲେ। ଏହାକୁ ନେଇ କିଛିଦିନ ପୂର୍ବେ ନର୍ସ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକକାଳୀନ ୧୫୯ଜଣ ନର୍ସ ଅଫିସରଙ୍କୁ ବିଭିନ୍ନ ୱାର୍ଡ ଓ ବିଭାଗକୁ ବଦଳି କରାଯାଇଥିଲା। ଏହାପରେ ବିଭାଗ ପରିଚାଳନା ସମେତ ରୋଗୀଙ୍କ ଚିକିତ୍ସାରେ ମଧ୍ୟ ସମସ୍ୟା ଦେଖାଦେଇଥିଲା। ଚିକିତ୍ସା ସେବାରେ ଅବହେଳା ସମେତ ବିଳମ୍ବକୁ ନେଇ ବିଭିନ୍ନ ବିଭାଗର ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଡ଼ାକ୍ତର ଓ ଇନଚାର୍ଜଙ୍କ ନିକଟରେ ଅଭିଯୋଗ କରିଥିଲେ। ସାଧାରଣତଃ ମେଡ଼ିକାଲ ଆଇସିୟୁ ଶିଶୁବିଭାଗ ଓ ଅସ୍ତ୍ରୋପଚାର ଗୃହରେ ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା। ଶିଶୁବିଭାଗର ବିଭିନ୍ନ ୟୁନିଟରେ ଏକକାଳୀନ ପ୍ରାୟ ସମସ୍ତ କାର୍ଯ୍ୟରତ ନର୍ସ ଅଫିସରଙ୍କ ଅନ୍ୟତ୍ର ବଦଳି ଏବଂ ସେମାନଙ୍କ ସ୍ଥାନରେ ନୂତନ ନର୍ସ ଅଫିସରଙ୍କ କାର୍ଯ୍ୟରେ ଯୋଗଦାନ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିଲା। ନୂତନ କରି କାର୍ଯ୍ୟରତ କର୍ମଚାରୀଙ୍କ କ୍ଷେତ୍ରରେ ନବଜାତ ଶିଶୁଙ୍କ ଚିକିତ୍ସା ସମୟରେ 'ଆଇଭି ଲାଇନ' ଓ 'ଡ୍ରଗ୍ ଡ଼ୋଜ କାଉଣ୍ଟ' କରିବା ବେଶ ସମସ୍ୟା ସୃଷ୍ଟି କରୁଥିବା ଜଣାପଡ଼ିଛି। ଫଳରେ ସିଧାସଳଖ ନବଜାତ ଶିଶୁଙ୍କୁ ଚିକିତ୍ସାରେ ବାଧା ଉପୁଜିଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ବହୁ ୱାଡର୍‌ର ଆଧିକାଂଶ ବରିଷ୍ଠ ତଥା ଅଭିଜ୍ଞ ନର୍ସ ଅଫିସରଙ୍କୁ ବଦଳି କରାଯିବା ଯୋଗୁଁ ରୋଗୀ ଚିକିତ୍ସା ସମେତ ୱାଡର୍ ପରିଚାଳନାରେ ଅସୁବିଧା ନେଇ ବହୁ ବିଭାଗର ମୁଖ୍ୟ ଏବଂ ଇନଚାର୍ଜ ନର୍ସ ଅଫିସରମାନେ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀଙ୍କ ନିକଟରେ ଅଭିଯୋଗ କରି ସମାଧାନ ପାଇଁ ଅନୁରୋଧ କରିଥିଲେ। ବଦଳି ଆଦେଶର ପୁନଃସମୀକ୍ଷା କରି ଯେଭଳି ରୋଗୀସେବା ବ୍ୟାହତ ନହୁଏ ସେ ଦିଗରେ ପଦକ୍ଷେପ ନେବାକୁ ଅଧୀକ୍ଷକ ଡ଼ା. ଶତପଥୀ ଗତ ମାସରେ ନର୍ସ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନର୍ସ ଅଫିସରଙ୍କ ବଦଳି ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା ପରେ ପର୍ଯ୍ୟାୟକ୍ରମେ ନର୍ସ ଅଫିସରଙ୍କୁ ବଦଳି କରିବାକୁ ଏମକେସିଜି ଅଧୀକ୍ଷକ ପରାମର୍ଶ ଦେଇଥିଲେ। ଇଥି ମଧ୍ୟରେ ଏକ ମାସରୁ ଅଧିକ କାଳ ବିତିଯାଇଥିଲେ ହେଁ ଏମକେସିଜି ମେଡ଼ିକାଲ ଅଧୀକ୍ଷକଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ମେଡ଼ିକାଲର ବିଭିନ୍ନ ୱାର୍ଡରେ ଦିନକୁ ଦିନ ରୋଗୀ ଚିକିତ୍ସା ସମ୍ପର୍କୀତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଆଇନଜୀବୀଙ୍କୁ ମାଡ଼ମାରି ଟଙ୍କା ଓ ସୁନା ମୁଦି ଲୁଟ୍

ବ୍ରହ୍ମପୁର,୫ ।୨(ସମିସ): ଆଇନଜୀବୀ ବାଳକୃଷ୍ଣ ଚୌଧୁରୀଙ୍କୁ ମାଡମାରି ତାଙ୍କ ଅଫିସରୁ ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ଲୁଟ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୧ତାରିଖରେ ଜଣେ ଯୁବକ ବାଳକୃଷ୍ଣଙ୍କୁ ତାଙ୍କ ଅଫିସ ପାଖକୁ ଫୋନ କରି ଡାକିଥିଲା। ସେଠାରେ ସେ ପହଞ୍ଚିବା ପରେ ଆଇନଜୀବୀଙ୍କୁ ଯୁବକ ଜଣକ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲା। ଆଇନଜୀବୀଙ୍କ ଅଫିସରେ ଥିବା ନଗଦ ୨୦ହଜାର ଟଙ୍କା ଓ ସେ ପିନ୍ଧିଥିବା ସୁନା ମୁଦି ଛଡ଼ାଇ ନେବା ସହ ଯୁବକ ଜଣକ ଆଇନଜୀବୀଙ୍କ ମୋବାଇଲଟିକୁ ଭାଙ୍ଗି ଦେଇଥିଲେ। ଘଟଣାକୁ ନେଇ ଆଇନଜୀବୀ ବାଳକୃଷ୍ଣ ୧୧୨କୁ ଫୋନ କରି ସୂଚନା ଦେବାପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ସଦର ଥାନାକୁ ନେଇଥିଲେ। ନିଜର ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

## ବ୍ରହ୍ମପୁର ମହାନଗର ନିଗମରେ ଅବିରତ ବିବାଦ; ଉନ୍ନୟନ କାର୍ଯ୍ୟ ଠପ୍

ବ୍ରହ୍ମପୁର,୫ ।୨(ସମିସ): ବ୍ରହ୍ମପୁର ମହାନଗର ନିଗମରେ ଗୋଟିଏ ପରେ ଗୋଟିଏ ବିବାଦ ସୃଷ୍ଟି ହେଉଥିବାରୁ ନିଗମର ସାଧାରଣ କାର୍ଯ୍ୟ ପ୍ରଣାଳୀ ଗୁରୁତର ଭାବେ ପ୍ରଭାବିତ ହେଉଛି। କେବେ କର୍ମଚାରୀମାନଙ୍କ ମଧ୍ୟରେ ତ କେବେ ଠିକାଦାର ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖାଦେଉଛି। ଏହାର ସିଧାସଳଖ ପ୍ରଭାବ ସହରର ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଡ଼ୁଥିବା ବେଳେ ସହରବାସୀ ହନ୍ତସନ୍ତ ହେଉଛନ୍ତି। ଗତ ଦୁଇଦିନ ପୂର୍ବରୁ ଜଣେ ଠିକାଦାର ନିଜ ବିଲ ସମ୍ପର୍କରେ ପଚାରିବା ପାଇଁ ମହାନଗର ନିଗମକୁ ଯାଇଥିବା ବେଳେ ଜଣେ କର୍ମଚାରୀଙ୍କ ଦୁର୍ବ୍ୟବହାରର ଶୀକାର ହୋଇଥିବା ଅଭିଯୋଗ ହୋଇଛି।

ଘଟଣାକୁ ନେଇ ବ୍ରହ୍ମପୁର ମହାନଗର ଠିକାଦାର ସଂଘ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଥିଲା। ସଂଘ ପକ୍ଷରୁ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବା ସହ ସଂପୃକ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି ରଖାଯାଇଥିଲା। ଅଭିଯୋଗ ପରେ ଉଚ୍ଚ ପଦାଧିକାରୀମାନେ ଘଟଣାଟିକୁ ଗୁରୁତର ଭାବେ ନିଆଯିବ ବୋଲି କହିଥିଲେ। କିନ୍ତୁ ଇତି ମଧ୍ୟରେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବାରୁ ଠିକାଦାର ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏହାର ପ୍ରତିବାଦ ସ୍ୱରୁପ ଆସନ୍ତା ଶୁକ୍ରବାର ଠାରୁ ମହାନଗର ନିଗମ ଅଧୀନରେ ଚାଲୁଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବାକୁ ଠିକାଦାର ସଂଘ ନିଷ୍ପତ୍ତି ନେଇଛି। ତଥାପି ସହରବାସୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ଆବଶ୍ୟକୀୟ ଓ ଜରୁରୀ କାର୍ଯ୍ୟଗୁଡ଼ିକ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଭାବେ ଅକ୍ଷୟେନ୍ଦୁ ନିର୍ବାଚିତ

ବ୍ରହ୍ମପୁର,୫ ।୨(ସମିସ): ବ୍ରହ୍ମପୁରର ଅକ୍ଷୟେନ୍ଦୁ ପଟ୍ଟନାୟକ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଭାବେ ନିର୍ବାଚିତ ହୋଇଛନ୍ତି। ପୁରୀରେ ରୋଟରୀ ଇଣ୍ଟରନେସନାଲ



୩୨୬୨ ଜିଲ୍ଲାର ବାର୍ଷିକ ସମ୍ମିଳନୀ 'ମିନର୍ଭା' ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଓ ଇନରହ୍ୱିଲ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୦୨୮-୨୯ବର୍ଷ ପାଇଁ ଜିଲ୍ଲା ଗଭର୍ଣ୍ଣର ନିର୍ବାଚନରେ ଅକ୍ଷୟେନ୍ଦୁ ଶେଖର ପଟ୍ଟନାୟକ ବହୁ ଭୋଟ ବ୍ୟବଧାନରେ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୧୪୭ଭୋଟ ମଧ୍ୟରୁ ଅକ୍ଷୟେନ୍ଦୁଙ୍କୁ ସର୍ବାଧିକ ୧୨୧ଖଣ୍ଡ ଭୋଟ ମିଳିଥିଲା। ସେ ପୂର୍ବରୁ ରୋଟାରି କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲର ସଭାପତି ଥିଲେ। ରୋଟାରୀ ଜିଲ୍ଲାର ସ୍ୱରକୁ ଶାଣିତ କରିବା ସହ ସେବା ମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି। ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ୩୨୫୦ର ପି.ଡି. ଜି ସଞ୍ଜୀବ ରସ୍ତୋଗୀ ଓ ନିର୍ବାଚନର ମୁଖ୍ୟ ପରିଚାଳକ ଭାବେ ପି.ଡି.ଜି ଅଶ୍ୱିନୀ ଦାୟିତ୍ୱ ତୁଲାଇଥିଲେ। ବିଜୟ ପରେ ଅକ୍ଷୟେନ୍ଦୁଙ୍କୁ ରୋଟରୀ କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲର ସଭାପତି ଭି. ଜୟରାମ ରାଜୁ, ସମ୍ପାଦକ ଶିବରାମ ପାଣିଗ୍ରାହୀ, ଉପଦେଷ୍ଟା ନୃସିଂହ ପ୍ରସାଦ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଡା. ନାରାୟଣ ମିଶ୍ର, ପୂର୍ବତନ ସଭାପତି ରଞ୍ଜିତ ପାଢ଼ୀ, ପୂର୍ବତନ ସଭାପତି ସରୋଜ ପୃଷ୍ଟିଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସିଟି ହାଇସ୍କୁଲରେ ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ

ବ୍ରହ୍ମପୁର,୫ ।୨(ସମିସ): ସ୍ଥାନୀୟ ପିଏମଶ୍ରୀ ସିଟି ହାଇସ୍କୁଲ ପରିସରରେ "ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କର୍ପୋରେଟର୍ ଜେ. ଶ୍ରୀନିବାସ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୂପେନ ମହାନ୍ତ, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ବାଙ୍କ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁଧୀର ପଣ୍ଡା, ଆର୍. ସରସ୍ୱତୀ, ଏସ୍‌ଏମ୍‌ସି ସଦସ୍ୟ ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ଉଦଘାଟନ କରିଥିଲେ।



ଶିଶୁବାଟିକା ଠାରୁ ଆରମ୍ଭ କରି ଦଶମଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ପୋଷ୍ଟର୍ ମେକିଂ, ଷ୍ଟୋରି ଟେଲିଂ ଓ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୫ ।୨(ସମିସ): ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ଼. ଦେବରାଜ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ଅଧୁରା କାମକୁ ପୂର୍ଣ୍ଣ କରିବା ଦିଗରେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ। ମହାବିଦ୍ୟାଳୟ ପରିସରରେ ଶୃଙ୍ଖଳା, ଅନୁଶାସନ ଓ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବ। ମଞ୍ଜୁରିପ୍ରାପ୍ତ ରୁଷା ପାଣ୍ଠିର ବିନିଯୋଗ ପୂର୍ବକ ଅର୍ଦ୍ଧ ନିର୍ମିତ ସୌଧର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଅନୁରୋଧ କରାଯିବ ବୋଲି ଡ. ସ୍ୱାଇଁ କହିଥିଲେ।

ଏହି ଅବସରରେ ଷ୍ଟାଫ୍ କାଉନସିଲ୍ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ପକ୍ଷରୁ ଡ଼ା. ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ କାମଳାକାନ୍ତ ନାୟକ, ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟା ଡ. ମଧୁସ୍ମିତା ଦାସ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟା ଡ. ରୋଶନୀ ସାହୁ, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟା ଡ. ଶିବାନୀ ମିଶ୍ର, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟା ଡ. ବନଲତା ସାହୁ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ଶୁଭଶ୍ରୀ ଅପରାଜିତା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର,୫ ।୨(ସମିସ)





ନବନିଯୁକ୍ତ ଗଞ୍ଜାମ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତଙ୍କୁ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ହିଲପାଟଣା ସ୍ଥିତ ଏସଏମଆଇଟି କାର୍ଯ୍ୟାଳୟରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଏମସିର ବହୁ କର୍ପୋରେଟର ଉପସ୍ଥିତ ରହି କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଜିଲ୍ଲାର ଦଳୀୟ ସାଙ୍ଗଠନିକ ସ୍ଥିତି ଓ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ଆଗାମୀ ଦିନରେ କିଭଳି ଦଳ ଜନସାଧାରଣଙ୍କ ଦାବିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିବ ସେନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ଦୁର୍ଗା ଲାୟକ, ସୋନାଲି ଗନ୍ତାୟତ, ଧୀରେଶ ସାବତ, ସନ୍ତୋଷ ସେଠୀ, ଅଶ୍ୱିନୀ ପଟ୍ଟନାୟକ, ଜାମୁଲା ଶ୍ରୀନୁ, ଶ୍ୱେତରେଖା ତ୍ରିପାଠୀ, ପଦ୍ମିନୀ ମିଶ୍ର, ଆରତି ତନ୍ତି, କାଦମ୍ବିନୀ ଦାସ, ମମତା ପାତ୍ର, ବରିଷ୍ଠ ନେତା ଦୁର୍ଗା ସାବତ, ଦୁର୍ଗା ପଣ୍ଡା, ତିରୁପତି ପାତ୍ର, ଡ଼ି. କରୁଣାକର, ନୀଳକଣ୍ଠ ସାହୁ, ପାର୍ବତୀ ପ୍ରଧାନ, ବୁଟୁ ଶତପଥୀ, ଭାଗିରଥି ମହାରଣା, ଟି. କିଶୋର, ରଞ୍ଜିତା ବେହେରା, ପ୍ରଦିମ୍ନ ଗନ୍ତାୟତ, ଯୁବ ନେତା ଟୁଟୁ ପଟ୍ଟନାୟକ ଓ ସୁରଥ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତେ ନବ ନିଯୁକ୍ତ ଅନ୍ୟତମ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ମଧ୍ୟ ଫୋନଯୋଗେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁସୂଦନ ଦାସ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

ବ୍ରହ୍ମପୁର,୫ ।୨(ସମିସ): ସ୍ଥାନୀୟ ଉତ୍କଳ ଆଶ୍ରମ ସଭାଗୃହରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ କୁଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଡ. ସୁବ୍ରତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତିସଭାରେ ମୁଖ୍ୟବକ୍ତା ରୂପେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଯୋଗଦେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଘଟଣା ବହୁଳ ତ୍ୟାଗ ତପସ୍ୟାପୂତ ଜୀବନର ଅଳ୍ପ ଆଲୋଚିତ କେତେକ ପ୍ରସଙ୍ଗର ଅବତାରଣା କରିଥିଲେ।




ସମ୍ମାନିତ ବକ୍ତାଭାବେ ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ମଧୁବାବୁଙ୍କ ଜୀବନୀ ଏବଂ ଓଡ଼ିଶା ପାଇଁ ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖା ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିସଭାରେ 'ନବୀନ'ର ସମ୍ପାଦକ ରବି ରଥ, ବିରୁପାକ୍ଷ ଦାଶ, 'ସମଦୃଷ୍ଟି'ର ସହଯୋଗୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ସୂର୍ଯ୍ୟକାନ୍ତ ପାତ୍ର, ଲାଲବାହାଦୁର ପଟ୍ଟନାୟକ, ମହମ୍ମଦ ଆସଲାମ୍, ହାଡ଼ିବନ୍ଧୁ ମାଳି, ପଦ୍ମିନୀ ମିଶ୍ର, ତ୍ରିନାଥ ନାୟକ, ଅରୁଣ କୁମାର ପାତ୍ର, ରାଜେନ୍ଦ୍ର ପୂଜାରୀ ଓ ରଜନୀକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ଥାନାରେ ମହିଳା ଅଫିସର ଶୂନ୍ୟ

**● ପୁରୁଷ ଅଫିସରଙ୍କ ଆଗରେ ନିର୍ଯାତନା ବଖାଣି ପାରୁନାହାନ୍ତି ଅଭିଯୋଗକାରିଣୀ**

**● ଦୁଷ୍କର୍ମ ମାମଲା ବୃଦ୍ଧି ସତ୍ତ୍ୱେ ଦିଆଯାଉନି ମହିଳା ଅଫିସରଙ୍କୁ ନିଯୁକ୍ତି**

**● ଗୋପାଳପୁର ଥାନାରେ ମହିଳା ପୁଲିସ ଅଧିକାରୀ ନିଯୁକ୍ତି କେବେ?**




ବ୍ରହ୍ମପୁର,୫ ।୨(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଥିବା ୧୫ଟି ଥାନା ମଧ୍ୟରେ ଗୋପାଳପୁର ଥାନା ଅନ୍ୟତମ। ଗୋପାଳପୁର ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାରେ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ଗତ କିଛିମାସ ହେଲା ଏହି ଥାନାରେ କୌଣସି ମହିଳା ଅଫିସର ନଥିବା ହେତୁ ଅଭିଯୋଗକାରିଣୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସେଭଳି ନାବାଳିକାଙ୍କ ନିଖୋଜ ଓ ଅପହରଣ ଭଳି ବହୁ ମାମଲା ଥାନାକୁ ଆସୁଥିବା ବେଳେ ମହିଳା ଅଧିକାରୀ ନଥିବାରୁ ତଦନ୍ତରେ ବାଧା ଉପୁଜୁଥିବା ଦେଖିବାକୁ ମିଳୁଛି। ମହିଳା ଓ ଶିଶୁମାନଙ୍କ ଅଭିଯୋଗ ଏବଂ ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ଡେସ୍କ ଗଠନ କରିଛନ୍ତି। ଏଥିରେ ଜଣେ ମହିଳା ଅଧିକାରୀ ଦାୟିତ୍ୱରେ ରହି ମାମଲା ପରିଚାଳନା କରିଥାନ୍ତି। ତେବେ ଗୋପାଳପୁର ଥାନାର ମହିଳା ଓ ଶିଶୁ ଡେସ୍କରେ କୌଣସି ମହିଳା ଅଧିକାରୀ ନଥିବା ଯୋଗୁଁ ଏହା ଏକ ରକମର ପଙ୍ଗୁ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଗତ ଦିନର ଘଟଣାକ୍ରମକୁ ଦେଖିଲେ ଗୋପାଳପୁର ଥାନା ଚର୍ଚ୍ଚାରେ ରହିଆସିଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଗୋପାଳପୁର ଥାନା ଇଲାକାରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ନିର୍ଯାତନାର ଶୁଣାଣି ପାଇଁ କୌଣସି ମହିଳା ଅଧିକାରୀ ନଥିବା ଫଳରେ ନିର୍ଯାତିତାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ମହିଳା ଅଧିକାରୀ ନଥିବା ଫଳରେ ଶୋଷଣର ଶିକାର ହେଉଥିବା ମହିଳାମାନେ ଥାନାକୁ ଯାଇ ନିଜ ଅଭିଯୋଗ ଜଣାଇବାକୁ ବି ପଛଘୁଞ୍ଚା ଦେଉଛନ୍ତି। ଫଳରେ ପୀଡ଼ିତା ଯେ କେବଳ ନ୍ୟାୟ ପାଇପାରୁନାହିଁ ଏହା ନୁହେଁ ବରଂ ଏହାଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରୁନାହିଁ। ଗୋପାଳପୁର ଥାନାରେ ଗତ କିଛିମାସ ଧରି ମହିଳା ଓ ଶିଶୁ ଡେସ୍କରେ କୌଣସି ଅଧିକାରୀ ନଥିବା ସୂଚନା ମିଳିଛି। ସାଧାରଣତଃ ଜଣେ ମହିଳା ତାଙ୍କ ଉପରେ ହେଉଥିବା ନିର୍ଯାତନା ସଂପର୍କରେ ଜଣେ ମହିଳା ଅଧିକାରୀଙ୍କ ସମ୍ମୁଖରେ ଯେଭଳି କହିପାରିବେ ତାହା ପୁରୁଷ ଅଧିକାରୀଙ୍କ ସମ୍ମୁଖରେ କହିବାକୁ ସଂକୋଚ କରିଥାନ୍ତି। ମିଳିଥିବା ସୂଚନା ପ୍ରକାରେ, ନିକଟରେ ଗୋପାଳପୁର ବେଳାଭୂମି ମହୋତ୍ସବର ଶେଷ ସନ୍ଧ୍ୟାରେ ଏକାଧିକ ମହିଳା ହୋମଗାର୍ଡଙ୍କୁ ଦୁଇଜଣ ଯୁବକ ଅସଦାଚରଣ କରିଥିଲେ। ଅବଶ୍ୟ ପୁଲିସ ସମ୍ପୃକ୍ତ ଦୁଇ ଯୁବକକୁ ଗିରଫ କରିଛି କିନ୍ତୁ ଖୋଦ୍ ମହିଳା ହୋମଗାର୍ଡଙ୍କ ବୟାନ ରେକର୍ଡ କରିବା ପାଇଁ କୌଣସି ମହିଳା ଅଫିସର ନଥିଲେ। ଗତବର୍ଷ ଜାନୁଆରୀ ମାସରେ ଗୋପାଳପୁର ଥାନା ଅଞ୍ଚଳରେ ଏକ ସମ୍ବେଦନଶୀଳ ଘଟଣା ଘଟିଥିଲା ଏକ ସ୍କୁଲ ବସ୍‌ରେ ଜଣେ ୪ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହୋଇଥିବା ନେଇ ଥାନାରେ ମାମଲା ରୁଜୁ ହେଲା କିନ୍ତୁ ଥାନାରେ ମହିଳା ଓ ଶିଶୁ ଡେସ୍କରେ କୌଣସି ମହିଳା ଅଧିକାରୀ ନଥିବାରୁ ଉକ୍ତ ମାମଲାକୁ ବୈଦ୍ୟନାଥପୁର ଥାନାକୁ ବାଧ୍ୟ ହୋଇ ସ୍ଥାନାନ୍ତର କରାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ ମାମଲା ଗୋପାଳପୁର ଥାନାରେ ରୁଜୁ ହୋଇଥିବା ବେଳେ ବୈଦ୍ୟନାଥପୁର ଥାନା ଏହାର ତଦନ୍ତ ଭାର ନେଇଥିଲା। ଗତ ଜୁନ୍ ମାସରେ ଗଣଦୁଷ୍କର୍ମ ମାମଲା ହୋଇଥିବା ବେଳେ କିଛିମାସ ପୂର୍ବେ ଥାନା ଭିତରେ ଜଣେ ଯୁବତୀ ଫିନାଇଲ୍ ପିଇ ଗୁରୁତର ହୋଇଥିଲେ। ପୂର୍ବରୁ ଗୋପାଳପୁର ଥାନାର ମହିଳା ଓ ଶିଶୁ ଡେସ୍କରେ ଜଣେ ମହିଳା ଏଏସଆଇ ଦାୟିତ୍ୱରେ ରହିଥିବା ବେଳେ ତାଙ୍କର ପଦୋନ୍ନତି ପରେ ଦୀର୍ଘମାସ ଧରି ଏହି ପଦବୀ ଖାଲି ପଡିଛି। ଏନେଇ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ତୁରନ୍ତ ଜଣେ କିମ୍ବା ଏକାଧିକ ମହିଳା ଅଫିସରଙ୍କୁ ସେଠାରେ ଅବସ୍ଥାପିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ପାଟାବୁରୁ ଘାଟି ରାସ୍ତା

ଟିକାବାଲି,୫।୨(ସମିସ)




କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅଧିନରେ ଥିବା ପୂର୍ତ୍ତ ବିଭାଗର ଚରମ ଅବହେଳା ଯୋଗୁଁ ବାହାଡାସାହିରୁ ପାବୁରିଆ ଯାଇଥିବା ଏସକେପିଏମ ରାସ୍ତାର ପଟାବୁରୁ ଘାଟିରେ ଏବେ ମରଣଯନ୍ତା ପାଲଟିଛି। ବିଶେଷ କରି ପାଟାବୁରୁ ଘାଟି ଅଞ୍ଚଳରେ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଏଠାରେ ଗାଡ଼ି ଚଲାଇବା ତ ଦୂରର କଥା, ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହେଉଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେବ ଏହି ରାସ୍ତାରୁ ପିଚୁ ଉଠିଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ପାଟାବୁରୁ ଘାଟି ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ରାସ୍ତା ସାରା ଖାଲଖମା ଭର୍ତ୍ତି ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ପ୍ରତିମୁହୂର୍ତ୍ତରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ମଝି ପଟା ଏବେ ଏକ ପ୍ରକାର ମୃତ୍ୟୁ କୂପ ପାଲଟିଛି। ଯାହା ସିଧାସଳଖ ଭାବେ ମୃତ୍ୟୁକୁ ଆମନ୍ତ୍ରଣ କରୁଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଅନେକ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତିରେ ଏହି ଖାଲ ଗୁଡ଼ିକ ଦୃଶ୍ୟମାନ ହେଉନଥିବାରୁ ଯାତ୍ରୀ ଗୁରୁତର ଆହତ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସଚ୍ଚିଦାନନ୍ଦ ସେନାପତିଙ୍କୁ ଯୋଗାଯୋଗ କରିବାରୁ ଏ ସମ୍ପର୍କରେ ଉପର ଅଧିକାରୀଙ୍କୁ ଜଣାଇଛନ୍ତି। ଅର୍ଥ ଆସିଲେ ଆସନ୍ତା ମାର୍ଚ୍ଚ ମାସରେ କାମ ହେବା କଥା କହୁଛନ୍ତି। ପୂର୍ତ୍ତ ବିଭାଗର ଅବହେଳା ଯୋଗୁଁ ସାଧାରଣ ଜନତା ନିଜ ଜୀବନକୁ ପାଣି ଛଡ଼ାଇ ଯାତାୟାତ କରୁଛନ୍ତି। ରାସ୍ତାର ଏଭଳି ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଅତିଶୀଘ୍ର ଏହି ରାସ୍ତାର ମରାମତି କାର୍ଯ୍ୟ କରା ନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ କେବେ ଜାଗ୍ରତ ହେବ ଏବଂ କେବେ ଏହି "ମରଣଯନ୍ତା"ରୁ ଲୋକଙ୍କୁ ମୁକ୍ତି ମିଳିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ହୋଇଛି।

## କିନ୍ନରଙ୍କୁ ହତ୍ୟା ପ୍ରତିବାଦରେ ନିରବ ଶୋଭାଯାତ୍ରା




ପାରଳାଖେମୁଣ୍ଡି,୫।୨(ସମିସ): ଗତ ୧ ତାରିଖରେ ପିପିଲି ଥାନା ସିଙ୍ଗା ଗେଟ୍ ନିକଟ ୩୧୬ନଂ ଜାତୀୟ ରାଜପଥରେ ଜଣେ କିନ୍ନରଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଥିବା ପ୍ରତିବାଦରେ ଏବଂ ମୃତକ କିନ୍ନରଙ୍କୁ ନ୍ୟାୟ ଦାବିରେ ଆଜି ପାରଳାଖେମୁଣ୍ଡି ସ୍ଥିତ ତୃତୀୟଲିଙ୍ଗୀ ସଂଗଠନ ପକ୍ଷରୁ ନିରବ ଶୋଭାତ୍ରା ସହ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୃତ କିନ୍ନର ଅଞ୍ଜଳିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ହତ୍ୟା କରିଥିବା ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତୃତୀୟଲିଙ୍ଗୀ ସଂଗଠନର ଜସ୍ମିନ ଶେଖ୍ଙ୍କ ସମେତ ବହୁ କିନ୍ନର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯଥା ୱାନଷ୍ଟପ୍ କେନ୍ଦ୍ରର ମୋହିନୀ ପ୍ରଧାନ, ଏସଡବ୍ଲ୍ୟୁଡବ୍ଲ୍ୟୁଏସ୍ ର ପି.ସୁନୀତା ଓ ପ୍ରଗତି ମହିଳା ସଂଗଠନର ତନୁଜା ଶତପଥୀ ଉପସ୍ଥିତ ଥିଲେ।

## ପାଠ ପଢ଼ାଉଥିବା ବେଳେ ହୃଦ୍‌ଘାତରେ ଶିକ୍ଷକଙ୍କ ମୃତ୍ୟୁ

ଫିରିଙ୍ଗିଆ,୫।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଗଞ୍ଜୁ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ପିଲାଙ୍କୁ ପାଠ ପଢ଼ାଉଥିବା ବେଳେ ହୃଦଘାତରେ ମୃତ୍ୟୁ ହୋଇଛି। ଶିକ୍ଷକ ଜଣକ ଗୁରୁବାର ସକାଳେ ଛାତ୍ରଛାତ୍ରୀଙ୍କୁ ଡ୍ରିଲ କରାଇଥିଲେ। ଡ୍ରିଲ ସରିବା ପରେ ଶ୍ରେଣୀ କୋଠରୀରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପକାଇ ପଠାପଢା ଆରମ୍ଭ କରିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ଶ୍ରେଣୀ କୋଠରୀରେ ପଡିଯାଇଥିଲେ। ଛାତ୍ରଛାତ୍ରୀ ଡରିଯାଇ କାନ୍ଦବୋବାଳି କରିଥିଲେ। କିଛି ଛାତ୍ର ଘଟଣା ବିଷୟରେ ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗୁରୁତର ଅବସ୍ଥାରେ ଅଚେତ ହୋଇ ପଡିରହିଥିବା ଶିକ୍ଷକଙ୍କୁ ଆମ୍ବୁଲାନ୍ସ ନମିଳିବାରୁ ଗ୍ରାମବାସୀ ଅଟୋ ଭଡା କରି ବାଲନ୍ଦାପଡା ପ୍ରାଥମିକ ଚିକିତ୍ସାଳୟକୁ ନେଇଥଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୋଚ୍ଛାପଡା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ଶିକ୍ଷକଙ୍କ ନିଜ ଘର ନୟାଗଡ଼ ଜିଲ୍ଲା ନୟାଗଡ଼ ଥାନା ମାଳିସାହି ଭଲଭଦ୍ରପୁର ଗାଁରେ ବୋଲି ଜଣାପଡ଼ିଛି। ସେ ୨୦୦୪ ମସିହାରୁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଥିବା ବେଳେ ଚାରିବର୍ଷ ହେଲା ଗଞ୍ଜୁ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସାଥୀ ଶିକ୍ଷକଙ୍କ ସହ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଭାଗବତ ନାଏକ, ଗୋଚ୍ଛାପଡା ନିଜେପି ଯୁବମୋର୍ଚ୍ଚା ସଭାପତି ବାବୁଲା କହଁର, ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସହ ଅଞ୍ଚଳର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ମହେନ୍ଦ୍ରଗିରିରେ ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୫।୨(ସମିସ): ଗଜପତି ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ପବିତ୍ର ମହେନ୍ଦ୍ରଗିରି ପର୍ବତ ଶିଖରରେ ଚଳିତବର୍ଷ ମହାଶିବରାତ୍ରି ପାଳନ କରାଯିବ। ଏଥି ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ



ଫାଲଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ମଞ୍ଚାସୀନ ଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଚଳିତ ମାସ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ମହେନ୍ଦ୍ରଗିରି ପର୍ବତ ଶିଖରେ ମହାଶିବରାତ୍ରି ପାଳନ କରାଯିବ। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରଯାଇଥିଲା। ମହେନ୍ଦ୍ରଗିରି ମହାଶିବରାତ୍ରି ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁମାନେ ପ୍ରବଳ ଜନସମାଗମ ହେବାର ରହିଅଛି। ଭକ୍ତମାନେ ଯିବା ଆସିବା ରାସ୍ତାର ବିଭିନ୍ନ ସ୍ଥାନରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବ। ରାସ୍ତାର ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୦ ଟଙ୍କାର ସୁଲଭ ଦରରେ ପ୍ରସାଦ ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ। ମହେନ୍ଦ୍ରଗିରି ଶିଖର ମଧ୍ୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଇ ଦିଆଯିବ। ପର୍ବତ ଶିଖରରେ ଯାନବାହାନ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିପରି କୁନ୍ତୀ ମନ୍ଦିର ଓ ଯୁଧିଷ୍ଠିର ମନ୍ଦିର ଦର୍ଶନ ପାଇଁ ପ୍ରତି ମନ୍ଦିର ପିଛା ୨୦ ଟଙ୍କା ରଖାଯାଇଛି। ବୁରୁକତ ଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଆଲୋକର ବ୍ୟବସ୍ଥା କରାଯିବ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସେଠାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିବେ। ସେହିପରି ଚିକିତ୍ସା ପାଇଁ ମେଡିକାଲ୍ ଟିମ୍ ନିୟୋଜିତ ରହିବା ସହିତ ଔଷଦ ମହଜୁଦ ରଖି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ବତ ଶିଖରେ ସମ୍ପୂର୍ଣ୍ଣ ମାଦକ ଦ୍ରବ୍ୟ ନିଷେଧ କରାଯାଇଛି। ଏହା ସହ ପ୍ଲାଷ୍ଟିକ ବ୍ୟବାହର ନକରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ରାୟଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ପାରଳାଖେମୁଣ୍ଡି ଉପଖଣ୍ଡ ଅରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ରାୟଗଡ ତହସିଲଦାର ସୁକାନ୍ତ ପ୍ରଧାନ, ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକଙ୍କ ସମେତ ରାୟଗଡ଼ା ବ୍ଲକ୍ ର ସମସ୍ତ ଜନପ୍ରତିନିଧି, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପବିଙ୍ଗିଆ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପୁରସ୍କୃତ



ଫିରିଙ୍ଗିଆ,୫।୨(ସମିସ): ଜିଲ୍ଲାସ୍ତରୀୟ ଜନଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅବସରରେ ପବିଙ୍ଗିଆ ପଞ୍ଚାୟତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଜିଲ୍ଲାରେ ପ୍ରଥମ ହୋଇ ପୁରସ୍କୃତ ହୋଇଛି। ଫୁଲବାଣୀ ଗାନ୍ଧୀସ୍ମୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀଣୀ ଚିନ୍ମୟୀ ଶତପଥୀ, ସ୍ୱାସ୍ଥ୍ୟକର୍ମୀ ଦୁଆରୁ ମେହେର, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପବିଙ୍ଗିଆ ପଞ୍ଚାୟତ ଲାମ୍ବାପଦର ଗାଁ କଲ୍ୟାଣ ସମିତି ମଧ୍ୟ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ପୁରସ୍କୃତ ହୋଇ ଥିଲା

## ପୋଖରୀରେ ବୁଡ଼ି ଜଣେ ମୃତ

ଗୋଷାଣି,୫।୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ତାଟିପାଟି ଗ୍ରାମର ପୋଖରୀରେ ବୁଡି ଗୋକାର୍ଲା ରାମାରାଓ (୫୭) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ଆଜି ଅପରାହ୍ନ ୪ଟା ସମୟରେ



ପୋଖରୀକୁ ସ୍ନାନ ପାଇଁ ଯାଉଥିବାର କହି ବାହାରିଥିଲେ। ହେଲେ ଦୀର୍ଘ ସମୟପର୍ଯ୍ୟନ୍ତ ନଫେରିବାରୁ ପରିବାର ଓ ଗ୍ରାମବାସୀ ପୋଖରୀ ନିକଟକୁ ଯାଇ ଖୋଜାଖୋଜି କରିଥିଲେ। ତାଙ୍କ ପୁଅ ରାମାରାଓ ଭାସୁଥିବାର ଦେଖି ତୁରନ୍ତ ପାରଳାଖେମୁଣ୍ଡି ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ପାରଳାଖେମୁଣ୍ଡି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଭାସମାନ ଅବସ୍ଥାରେ ରାମାରାଓଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଏହାପରେ ଶବଟିକୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ମହାପ୍ରଣାୟ ଗାଡିରେ ପଠାଯାଇଥିଲା। ଆସନ୍ତାକାଲି ୍ୱମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ମୃତ ରାମାରାଓ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରୀବ ଶ୍ରେଣୀର। ତେଣୁ ତାଙ୍କ ପରିବାର ବର୍ଗଙ୍କୁ ସରକାର କିମ୍ବା ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇଦେଲେ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## କାଶୀନଗରରେ ରଘୁନାଥ ସଂସ୍କୃତି ମଣ୍ଡପ ଉଦ୍‌ଘାଟିତ



କାଶୀନଗର,୫।୨(ସମିସ): କନ୍ଧମାଳ ଜିଲ୍ଲା କାଶୀନଗର ଶ୍ରୀରାମ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଗୁରୁବାର ରଘୁନାଥ ସଂସ୍କୃତି ମଣ୍ଡପ ଉଦଘାଟିତ ହୋଇଛି।

ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ବିଦ୍ୟାଳୟ ଅଧକ୍ଷା ସଂଯୁକ୍ତା ପାଢ଼ୀ ସଭାପତିତ୍ୱ କରିଥିବା ବେଳେ କାଶୀନଗର ଏନ୍ଏସି ଅଧକ୍ଷା ଏମ.ସୁଧାରାଣୀ ମୁଖ୍ୟ ଅତିଥି ତଥା ଉଦଘାଟିକା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯଥାକ୍ରମେ ମଣ୍ଡପ ନିର୍ମାଣ ପାଇଁ ଜମି ଦାନ କରିଥିବା ଭୂପତି ଚିନ୍ନାୟା ଓ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ଏବଂ କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରା ଯାଇଥିଲା। ଅଧାପକ ଅଜିତ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ରୂପେ ବନ୍ଦେ ଉତ୍କଳ ଜନନୀ ଗାଇଥିଲେ। ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଘାଟିତ

ଦାରିଙ୍ଗବାଡି,୫।୨(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨ ତମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ଼ ଶିବିର ଉଦଘାଟନ ହୋଇଛି। ସିମନବାଡ଼ି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ଶିବିରର ସମ୍ପାଦକ ଶିଶିର ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ଜିଲ୍ଲା ଶାରୀରିକ ଅଧିକାରୀ ସଂଜୟ ପାତ୍ର ,ପୂର୍ବତନ ଜିଲ୍ଲା ଶାରୀରିକ ଅଧିକାରୀ ରଙ୍କନିଧି ବେହେରା




ଓ ଜିଲ୍ଲା କମିଶନର କୁମାରୀ ପୁନମ ଯୋଗ ଦେଇଥିଲେ। ଦେଶ, ଜାତି ପାଇଁ ଗୌରବ ଆଣିବା ଓ ଉକ୍ତ ଶିବିରରେ କିଛି ଶିଖିବା ସହ ଆଗାମୀ ଦିନରେ ଏହାକୁ କିପରି କାର୍ଯ୍ୟକାରୀ କରିବା ଓ ସ୍କାଉଟ, ଗାଇଡ଼ରେ ରହିଥିବା ୯ ନିୟମକୁ ମାନିବା ପାଇଁ ମୁଖ୍ୟଅତିଥି କହିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ୧୨୦ ରୁ ଅଧିକ ଗାଇଡ଼, ୬୨ ଜଣ ସ୍କାଉଟ ମାଷ୍ଟର ଓ ୨୨ ଜଣ ଗାଇଡ଼ ମାଷ୍ଟର ଏଥିରେ ଯୋଗ ଦେଇଛନ୍ତି। ଉକ୍ତ ଶିବିର ୩ ଦିନ ଧରି ଚାଲିବ। ଅଞ୍ଜଳି ପ୍ରଧାନ, ସ୍ମିତାରାଣୀ ମହାପାତ୍ର, ଦୀପ୍ତି ନାୟକ, ସଂଗୀତା ପ୍ରଧାନ, ସାମନ୍ତ ପ୍ରଧାନ ଓ ବନ୍ଦନା ଜେନା ସହଯୋଗ କରିଥିଲେ।

## କଳିଙ୍ଗା ବିଏଡ୍ କଲେଜର ବାର୍ଷିକ କ୍ରୀଡ଼ା

ଜି ଉଦୟଗିରି,୫।୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗାସ୍ଥିତ ସରକାରୀ ବିଏଡ ପ୍ରଶିକ୍ଷଣ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ। ଏଥିରେ ଆରସ୍ମିନ ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହମ୍ମଦ ଜାମିଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ.ଦୀପକ କୁମାର ମହାନ୍ତି ସଭାପତିତ୍ୱ କରି ଛାତ୍ରଛାତ୍ରୀ ଖେଳୁଆଡ଼ ମନୋଭାବ ରଖି ପ୍ରତିଯୋଗିତାରେ ଭାଗ ନେବା ଉଚିତ ବୋଲି କହିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ବିକ୍ରମ କୁମାର ପ୍ରଧାନ ସଭା ପରିଚାଳନା ଓ ଆସିଷ୍ଟାଣ୍ଟ ପ୍ରଫେସର ବିଚିତ୍ର କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର କ୍ରୀଡ଼ା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଓ ଫୁଲବାଣୀ ବିଏଡ କଲେଜର କ୍ରୀଡ଼ା ଶିକ୍ଷକ ଅଭିଷେକ ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷକ ଭେଙ୍କଟେଶ ରେ‡ୀ ଡୁଙ୍ଗୁ, ସୌମ୍ୟ ରଞ୍ଜନ ନାୟକ, ସୁବ୍ରତ କୁମାର ପାଢ଼ୀ, କିଶୋର ଚନ୍ଦ୍ର ନାୟକ, ପ୍ରମୋଦ କୁମାର ନାୟକ, ସତିସୁତା ମହାପାତ୍ର, ଶ୍ରଦ୍ଧାଞ୍ଜଳି ଦାସ, ଅର୍ପିତା ସାହୁ ଓ ଉଷା ବାଲ୍ମିକୀ ପରିଚାଳନାରେ ସହଯୋଗ କରିଥିଲେ।




## ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ଏଣିକି ଆଉ ହଇରାଣ ହେବେନି ଅଞ୍ଚଳବାସୀ

ତୁମୁଡିବନ୍ଧ,୫।୨(ସମିସ): ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ତହସିଲ କାର୍ଯ୍ୟଳୟ ପରିସରରେ ଉପନିବନ୍ଧନ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟକ୍ରମଟିକୁ ସରସ ସୁନ୍ଦର ଓ ଲୋକଲୋଚନକୁ ଆଣିବା ପାଇଁ ଅତିଥିଙ୍କୁ ପାରମ୍ପରିକ



ଚାଙ୍ଗୁ ବାଦ୍ୟ ମାଧ୍ୟମରେ ତୁମୁଡିବନ୍ଧ ତହସିଲଦାର ଦୋଳ ଗୋବିନ୍ଦ ସାହୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ଜିଲା ପରିଷଦ ସଭ୍ୟ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ, ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପାତ୍ରା, କରୁକୁଡୁପା ସରପଞ୍ଚ ବିଶେଷଣ ମାଝି, ବିଜେପି ମଣ୍ଡଳ ସଭାପତି ସର୍ବେଶ୍ୱର ମାଝି, ଅତିରିକ୍ତ ତହସିଲଦାର ବୁରୁମ ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସାହୁ, ଉପକୋଷାଗାର ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ଏଏସଆଇ ସଞ୍ଜୟ କୁମାର ପ୍ରଧାନ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଚନ୍ଦ୍ର ପରାସେଠ ଓ ବରିଷ୍ଠ ନାଗରିକ ଲକ୍ଷ୍ମୀଧର ସାହୁ ଉପସ୍ଥିତ ଥିଲେ। ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ ହେବା ଫଳରେ ଅଞ୍ଚଳବାସୀଙ୍କ ପାଇଁ ସୁବିଧା ଏବଂ ଶୁଭଙ୍କର ହେବ। ପୂର୍ବରୁ ଅଞ୍ଚଳବାସୀ ବାଲିଗୁଡା ଉପନିର୍ବନ୍ଧନ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ଏଥିଯୋଗୁଁ ତୁମୁଡିବନ୍ଧ ଅଞ୍ଚଳ ସାଧାରଣ ଲୋକ ବହୁତ ହଇରାଣ ହେବା ସହିତ କ୍ଷତିରେ ମଧ୍ୟ ପଡୁଥିଲେ। ଏବେ ଅତି ସହଜରେ କମ ଖର୍ଚ୍ଚରେ ତାହା ହୋଇପାରିବ। ତୁମୁଡିବନ୍ଧ ଉପନିବନ୍ଧନ କାର୍ଯ୍ୟାଳୟରେ ପ୍ରତ୍ୟେକ ବୁଧବାର ଭୂସମ୍ପତ୍ତି କିଣାବିକାର ରେଜିଷ୍ଟ୍ରେଶନ କରାଯିବା ନେଇ ତୁମୁଡିବନ୍ଧ ତହସିଲଦାର ସାହୁ କହିଛନ୍ତି। ଉପନିବନ୍ଧନ କାର୍ଯ୍ୟାଳୟ ହେବାରୁ ତୁମୁଡିବନ୍ଧ ଅଞ୍ଚଳର ଭୂସମ୍ପତ୍ତିର ଦୁଃଖ ଲାଘବ ହେବ। ଏପରି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲାର ୩ ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୫।୨ (ସମିସ) : ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଦ୍ୱାରା ଜମି ସମ୍ବନ୍ଧୀୟ ସମସ୍ତ ସୁବିଧା ଜନସାଧାରଣଙ୍କୁ ଯୋଗାଇ ଦେବାକୁ ପ୍ରତ୍ୟେକ ବ୍ଲକର ତହସିଲ କାର୍ଯ୍ୟାଳୟରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଭାସୀ ମାଧ୍ୟମରେ ମୁଖମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉପନିବନ୍ଧକ କାର୍ଯ୍ୟାଳୟ ଶୁଭ ଉଦଘାଟନ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ସଚିବ ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟରେ ୫୭ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ ହୋଇଥିବା ବେଳେ ସେଥିମଧ୍ୟରୁ ଗଜପତି ଜିଲ୍ଲାରେ ୩ ବ୍ଲକ ଗୁମ୍ମା, ରାୟଗଡ଼ ଓ ନୂଆଗଡ ବ୍ଲକରେ ଉପନିବନ୍ଧକ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ଉଦଘାଟନ କର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ଡେପୁଟି କଲେକ୍ଟର ମିତାଳି ମଧୁମିତା ପାଢ଼ୀ, ସହକାରୀ ଜିଲ୍ଲାପାଳ ତ୍ରିନାଥ ସାହୁ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



## ନୂଆଗଡ଼ରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ



ନୂଆଗଡ଼,୫।୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ରେ ନୂତନ ଉପନିବନ୍ଧକ(ସବ ରେଜିଷ୍ଟର) କାର୍ଯ୍ୟାଳୟର ଶୁଭ ଉଦଘାଟନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ତହସିଲଦାର ମୋନାଲିସା ଆଚାର୍ଜି, ଅତିରିକ୍ତ ତହସିଲଦାର ମନମୋହନ ସାହୁ ସମେତ ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ, ତହସିଲ କାର୍ଯ୍ୟାଳୟର କର୍ମଚାରୀ ଓ ଅଞ୍ଚଳର ବିଶିଷ୍ଟ ନାଗରିକ ଏହି ଅବସରରେ ଉପସ୍ଥିତ ହୋଇଥିଲେ। ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲା ହେବା ଫଳରେ ନୂଆଗଡ଼ ଅଧୀନରେ ଥିବା ୧୭୪ ରାଜସ୍ୱ ଗ୍ରାମର ଜନସାଧାରଣ ଜମି ପଞ୍ଜୀକରଣ, ଜମି ନାମାନ୍ତରଣ, ବିଭିନ୍ନ ରାଜସ୍ୱ ସେବା ଓ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟ ବିଭିନ୍ନ ସରକାରଙ୍କ ସୁବିଧା ପାଇପାରିବେ ବୋଲି ତହସିଲଦାର କହିଛନ୍ତି। ସୂଚନା ପ୍ରକାରେ ପୂର୍ବରୁ ଲୋକେ କ୍ଲେଶ ଓ ସମୟ ନଷ୍ଟକରି ନିକଟସ୍ଥ ଆର.ଉଦୟଗିରି ଉପନିବନ୍ଧକଙ୍କୁ ଯାଇ ଜମିଜମା କିଣାବିକା ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିଲେ।

## ଚିଟ୍‌ଫଣ୍ଡ ପଇସା ଲାଗି ସାମାଜିକ ବାସନ୍ଦ

# ପୀଡ଼ିତ ପରିବାରର ଆନ୍ଦୋଳନ ଚେତାବନୀ

ଛତ୍ରପୁର,୫ ।୨(ସମିସ):



ଗଞ୍ଜାମ ଜିଲ୍ଲାରେ ସାମାଜିକ ବାସନ୍ଦ ଭଳି କୁପ୍ରଥାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା ସହିତ କାର୍ଯ୍ୟ କରାଯାଉଥିବା ବେଳେ ଖୋଦ୍ ଜିଲ୍ଲା ସଦର ମହକୁମାରେ ଏହା ଥମିବାର ନାଁ ନଉନି। ଗତ କିଛି ଦିନ ତଳେ ଜଣେ ପ୍ରଶାସନିକ ଅଧିକାରୀ ଏଭଳି ସାମାଜିକ ବାସନ୍ଦର ଶିକାର ହୋଇଥିବା ବେଳେ ଏବେ ଆଉ ଏକ ସାମାଜିକ ବାସନ୍ଦ ଘଟଣା ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମରେ ଦେଖାଦେଇଛି । ସାମାଜିକ ବାସନ୍ଦର ଶିକାର ହୋଇଛନ୍ତି ପି. ନାରାୟଣ ରେଡ୍ଡୀଙ୍କ ପରିବାର। ପି. ନାରାୟଣ ତାଙ୍କ ପତ୍ନୀ ପି. ସରସ୍ୱତୀ, ପୁତ୍ର ପି. ଅନୀଲ ରେଡ୍ଡୀ ଓ ତାଙ୍କ ବୋହୂ ଜି. ଚାନ୍ଦିନୀଙ୍କ ସହ ଦୀର୍ଘ ଦିନ ଧରି ବାସନାପଲ୍ଲୀ ଗ୍ରାମରେ ରହି ଆସୁଛନ୍ତି। ଗ୍ରାମର ମହିଳା ମାନେ ଦୀର୍ଘ ଦିନ ଧରି ଚିଟି ପଇସା ବାନ୍ଧି ଆସୁଥିଲେ। ୨୦୨୩ ଅକ୍ଟୋବର ମାସରେ ଗ୍ରାମର ବନ୍ଦନା ଚୌଧୂରୀ ନାରାୟଣଙ୍କ ଘରୁ ଚିଟି ଟଙ୍କା ଉଠାଣ ବେଳେ ଉକ୍ତ ଚିଟି ଟଙ୍କାରୁ ୮ଟି ଡାକ ମାଧମରେ ୧୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ୨୦୨୫ ନଭେମ୍ବର ମାସରେ ପି. ନାରାୟଣ ରେଡ୍ଡୀ ଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଟଙ୍କା ମଗାଯାଇଥିଲା। ଉକ୍ତ ଟଙ୍କା ପ୍ରଦାନ କରିବା ପାଇଁ ପି. ନାରାୟଣ ଓ ତାଙ୍କ ପରିବାର ବର୍ଗ ମନା କରିଦେବାରୁ ପ୍ରଥମେ ଗ୍ରାମର କିଛି ଭଦ୍ର ବ୍ୟକ୍ତି ତାଙ୍କ ଘରେ ପଶି ଝଗଡା ସହିତ ଆକ୍ରମଣ କରିଥିଲେ। ଏନେଇ ନାରାୟଣ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ମଧ ଏକ ମାମଲା ରୁଜୁ କରାଯାଇଥିଲା । ଉକ୍ତ ମାମଲା ପ୍ରତ୍ୟାହାର କରିବା ଲାଗି ଗ୍ରାମବାସୀ ପି. ନାରାୟଣଙ୍କୁ ବାଧ କରିଥିଲେ। ଉଭୟ ପକ୍ଷରୁ ରୁଜୁ ହୋଇଥିଲା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ନାରାୟଣ କହିବାରୁ ତାଙ୍କ କଥାରେ ଗ୍ରାମବାସୀ ରାଜି ହୋଇ ନଥିଲେ। ପରେ ଗ୍ରାମରୁ ତାଙ୍କୁ ସାମାଜିକ ବାସନ୍ଦ କରିବା ସହିତ ଗ୍ରାମରେ କୌଣସି ଭୋଜିଭାତରେ ତାଙ୍କୁ ନ ମିଶାଇବା ପାଇଁ ଗ୍ରାମରେ ମାଇକ ଯୋଗେ ପ୍ରଚାର କରାଯାଇଥିଲା । ଏପରିକି ତାଙ୍କ ଘରକୁ ନିଲାମ କରିବାକୁ ମଧ ଗ୍ରାମର କିଛି ଭଦ୍ର ବ୍ୟକ୍ତି ପ୍ରଚେଷ୍ଟା କରୁଥିବା ପି. ନାରାୟଣ ରେରେଡ୍ଡୀ ଓ ତାଙ୍କ ପୁଅ ପି. ଅନୀଲ ରେଡ୍ଡୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଦୀର୍ଘ ଦିନ ଧରି ପି. ନାରାୟଣ ଓ ତାଙ୍କ ପରିବାର ଲୋକେ ମାନସିକ ଚାପରେ ରହୁଛନ୍ତି। ଏଣୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଉକ୍ତ ଘଟଣାର ସମାଧାନ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଉକ୍ତ ଘଟଣାର ସମାଧାନ କରାନଗଲେ ଆଗାମୀ ଦିନରେ ନାରାୟଣ ତାଙ୍କ ପରିବାର ସହିତ ଗଞ୍ଜାମ ଜିଲ୍ଲାପାଳ ଓ ଗଞ୍ଜାମ ଏସପି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେ କହିଛନ୍ତି।

## ● କ୍ଲିନର୍ ସାମଗ୍ରୀ ବିକୁଥିବା ୬ ଗିରଫ

# ନକଲି ତରଳ ପଦାର୍ଥ ଓ ୪୦୦ ଖାଲି ଡବା ଜବତ

ବ୍ରହ୍ମପୁର,୫ ।୨(ସମିସ): ବ୍ରହ୍ମପୁର ସହରରେ ଏ ଟୁ ଜେଡ୍ କ୍ଲିନିକ ପଦାର୍ଥ ନାଁରେ ନକଲି ସାମଗ୍ରୀ ବିକ୍ରି କରୁଥିବା ୬ଜଣିଆ ଅଣଓଡ଼ିଆ ଠକ ଗ୍ୟାଙ୍ଗକୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କାୟାସ୍ଥାନର ସାନୁ ସିଂ(୨୯), ନଟଭଗବାନ ଗ୍ରାମର ପରମଜିତ ସିଂ(୩୦), ତେଲେଙ୍ଗାନା ରାଜେନ୍ଦ୍ରନଗରର ହରମିତ ସିଂ(୨୬) ଓ ମହେନ୍ଦ୍ର ସିଂ(୨୬), ଅମନ ରାଜା(୨୫) ଓ ଗୁରୁପ୍ରିତ ସିଂ ଓରଫ ଭିଙ୍କଲ(୩୪) । ଅଭିଯୁକ୍ତଙ୍କ ନିକଟରୁ ପୁଲିସ ତରଳ ପଦାର୍ଥ ଭର୍ତ୍ତି ହୋଇଥିବା ୨୫ଟି ଏ ଟୁ ଜେଡ୍ କ୍ଲିନିକ ଡବା, ୪୦୦ଟି ଖାଲି ଡବା, କିଛି କଞ୍ଚାମାଲ ଓ ୪ଟି ବାଇକ ଜବତ କରିଛି । ଏହି ଅଭିଯୁକ୍ତମାନେ ଗତ କିଛିଦିନ ଧରି ବ୍ରହ୍ମପୁର ସହରର ବିଭିନ୍ନ ଛକ ଓ ବଜାରରେ ବୁଲି ବୁଲି ଇଣ୍ଡିଆନ ହର୍ବାଲ ପ୍ରଡକ୍ଟ ଏ ଟୁ ଜେଡ୍ ଚମକ୍ କ୍ଲିନର ନାମରେ ୨୫୦ ମିଲିଲିଟର ବିଶିଷ୍ଟ ପ୍ଲାଷ୍ଟିକ ଡବାକ ବିକ୍ରି କରୁଥିଲେ। କାର, ବାଇକ, ଟିଭି, ଫ୍ରିଜ, କାଚ, ଝରକା ଆଦି ସଫା କରିବାକୁ ଏହି ତରଳ ପଦାର୍ଥ ସବୁଠାରୁ ଭଲ କାମ କରୁଛି କହି ଲୋକଙ୍କୁ ଏହି ଡବା ବିକ୍ରି କରୁଥିଲେ। ୪୫୦ ଟଙ୍କା ମୂଲ୍ୟ ଲେଖା ହୋଇଥିବା ଏହି ତରଳ ପଦାର୍ଥ ଡବାକୁ ଅଭିଯୁକ୍ତମାନେ ୧୦୦ଟଙ୍କାରୁ ଆରମ୍ଭ କରି ୨୦୦ ଓ ୩୦୦ ଟଙ୍କାରେ ବିକ୍ରି କରୁଥିଲେ। ଲୋକଙ୍କ ଆଗରେ ଅଭିଯୁକ୍ତମାନେ ଡେମୋ ଦେଖାଉଥିଲେ। ସେହି ସମୟରେ ତାହା ସଫା ହୋଇ ଯାଉଥିଲା। ତେବେ ଘରକୁ କିଣି ନେବା ପରେ ତାହା କାମ କରୁନଥିଲା। ଏନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଥାନାର ଏସଆଇ ପ୍ରିୟଙ୍କା ସାହୁ ଘଟଣାର ତଦନ୍ତ କରିଥିଲେ। ଅଭିଯୁକ୍ତମାନେ ଲୋକଙ୍କ ଠକି ଓ ଜାଲିଆତି କରି ସାମଗ୍ରୀ ବିକୁଥିବା ଜଣାପଡିଥିଲା। ଏହାପରେ ସମସ୍ତ ୬ଅଭିଯୁକ୍ତଙ୍କୁ ଗିରଫ ପରେ ସେମାନଙ୍କ ନିକଟରୁ କଞ୍ଚାମାଲ ଜବତ କରାଯାଇଥିଲା। ଆଜି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ● ମନରେଗାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍‌କୁ ବିରୋଧ

# ବ୍ଲକ କଂଗ୍ରେସର ପ୍ରତିବାଦ ସଭା

ଶେରଗଡ଼,୫ ।୨(ସମିସ): ମନରେଗା ଯୋଜନାକୁ କେନ୍ଦ୍ର ସରକାର ବିକୃତ କରିଦେଇଛନ୍ତି। ଭିବିରାମଜି ଯୋଜନା କରି ସେଥିରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ଗାନ୍ଧୀଙ୍କୁ ଅସମ୍ମାନିତ କରାଯାଇଛି । ତେଣୁ ଏହି ଯୋଜନାକୁ ମୂଳ ରୂପକୁ ଫେରାଇ ଆଣିବା ଲାଗି ଆଜି ଶେରଗଡ ବ୍ଲକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଶେରଗଡ ସ୍ଥିତ ମା'ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ସରକାରଙ୍କ ଏଭଳି ଚକ୍ରାନ୍ତକୁ ନିନ୍ଦା କରାଯାଇଥିଲା। କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦ ପ୍ରତିଶତରୁ ୬୦ ପ୍ରତିଶତ କମାଇ ରାଜ୍ୟ ଓ ଶ୍ରମିକ ଉପରେ ଆର୍ଥିକ ଭାର ଲଦି ଦେବ । କୃଷି ଋତୁରେ ମଧ ସୀମିତ ବଜେଟ ଯୋଗୁଁ କାମଧନ୍ଦା ନମିଳିବାର ଆଶଙ୍କା ସୃଷ୍ଟି ହେବ। ମଜୁରୀ ସୁରକ୍ଷା ଶିଥିଳତା ଯୋଗୁଁ ରୋଜଗାର କମିବାର ଥୟ ହେବ। ମଜୁରୀ କମିଲେ ଗ୍ରାମୀଣ ଦୁଃଖ ବଢିବ। ତେଣୁ କେନ୍ଦ୍ର ସରକାର ବିରୋଧରେ ଆଗାମି ଦିନରେ ଆନ୍ଦୋଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥି ସହିତ ଧାନମଣ୍ଡିରେ ଚାଷୀମାନଙ୍କ ଧାନ କିଣିବାରେ ଯେଉଁ ଅସୁବିଧା ସୃଷ୍ଟି ହୋଇଛି, କଂଗ୍ରେସ ଦଳ ତାହାର ମଧ ପ୍ରତିବାଦ କରିବା ସହିତ ପ୍ରଶାସନ ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରି ଗରିବ, ଖଟିଖିଆ ଓ ଚାଷୀଙ୍କ ଲାଗି ଦଳର ପ୍ରତ୍ୟେକ ନେତା ଅଙ୍ଗୀକାରବଦ୍ଧ ବୋଲି କହିଥିଲେ । ବୈଠକରେ ଆସିକା ଲୋକସଭା କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା, ହିଞ୍ଜିଳିକାଟୁ ପୂର୍ବତନ ବ୍ଲକ ସଭାପତି ତଥା ଓଡିଶା କୃଷକ ମୋର୍ଚ୍ଚା ଉପସଭାପତି ଶିବରାମ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ପ୍ରକାଶ ବିଷୋୟୀ, ରଜନୀକାନ୍ତ ବିଷୋୟୀ, ପ୍ରଭାକର ପାଣିଗ୍ରାହୀ, ଇ.ଚିନ୍ମୟ ପାତ୍ରଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# କିଡ୍ସ ଫୋନ୍ ଫିଟ୍ ସ୍କୁଲର ବାର୍ଷିକ କ୍ରୀଡ଼ା

କୁକୁଡାଖଣ୍ଡି,୫ ।୨(ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚପଡ଼ା ଶକ୍ତିନଗର ସେକଣ୍ଡ ଲେନ୍ ନିକଟରେ ଅବସ୍ଥିତ କିଡ୍ସ ଫନ୍ ଫିଟ୍ ପ୍ଲେ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଏଲ୍ ମୋହନ ଦାସ ଓ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ହରିହର ରାଉତ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ଅଭିଭାବକ ମାନଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଉଜ୍ଜଳ କରିଥିଲା। ସ୍କୁଲର ପ୍ରିନ୍ସିପାଲ୍ ବିଭୂତି ଭୂଷଣ ଜେନା, ଶିକ୍ଷୟତ୍ରୀଙ୍କ ମଧ୍ୟରେ କୁମୁଦିନୀ ମହାନ୍ତି, ଷ୍ଟରଞ୍ଜୁଲୁ ଆଚାରି, ମୋନାଲିସା ପଟ୍ଟନାୟକ, ମିନି ସିଂ, ଜଗନ୍ନାଥ ପାତ୍ର, ଦ୍ରୌପଦୀ ଜେନା ଏବଂ କାର୍ଯ୍ୟକ୍ରମର ସଞ୍ଚାଳକ କାନୁ ରାଉତଙ୍କ ସଂଯୋଜନା ସହ ବିଭୂଦେନ୍ଦ୍ର ପ୍ରଧାନ, ବିଜେନ୍ ପ୍ରଧାନ, କେ. ସନ୍ତୁଖାଙ୍କ ପରିଚାଳନାରେ ସମଗ୍ର କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ନୂଆଗଡ଼,୫।୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଳୟ କୁମାର ବେହେରାଙ୍କୁ ବିଦ୍ୟାଳୟରେ ବ୍ଲକ (ଓପିଏସ) ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସମ୍ମାନିତ ଅତିଥି ଭାବରେ ଗୁମ୍ମା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ ଓ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ ଯୋଗ ଦେଇଥିଲେ। ପ୍ରାୟ ୩୫ ବର୍ଷ କାଳ ଶିକ୍ଷକତା କାର୍ଯ୍ୟ କରି ଗତ ୩୧ ଜାନୁଆରୀରେ ପ୍ରଧାନଶିକ୍ଷକ ବେହେରା କାର୍ଯ୍ୟରୁ ଅବସର ନେଇଛନ୍ତି । କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଇକ, ଖଜୁରୀପଦା ସିଆରସିସି, ବ୍ଲକର ସମସ୍ତ ଓପିଏସ ବର୍ଗର ଶିକ୍ଷକ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ସଂଘର ସଭାପତି ଶିକ୍ଷକ ଇନାମ ଗମାଙ୍ଗ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଶିକ୍ଷକ ପ୍ରଶାନନ୍ଦ ପରିଚ୍ଛା, ଗୋରସାଙ୍ଗ ରଇତ, ସୁଦର୍ଶନ ମଣ୍ଡଳ ଓ ଡିମି ରଇତ ସହଯୋଗ କରିଥିଲେ । ଶିକ୍ଷକ ସଂଜିତ କୁମାର ଗମାଙ୍ଗ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରୋଗ୍ୟ ମିତ୍ର ନିଯୁକ୍ତି ଶିବିର




ଫିରିଙ୍ଗିଆ,୫।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଜଳବାୟୁ ସୁରକ୍ଷା ପରିଷଦ ପକ୍ଷରୁ ଆରୋଗ୍ୟ ମିତ୍ର ନିମନ୍ତେ ଏକ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି । ଜଳବାୟୁ ସୁରକ୍ଷା ପରିଷଦର ମୁଖ୍ୟ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ ନୂଆଗାଁ ବ୍ଲକ ସାରଙ୍ଗଡ଼ ସରପଞ୍ଚ ବରୁଣ କହଁର ଯୋଗ ଦେଇ ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ଜଳବାୟୁ ସୁରକ୍ଷା ସମିତି ସଂଯୋଜକ ଉତ୍କଳ ରାଉତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁର୍ବେଦିକ ଡା.ଯତୀନ ପାତ୍ରୀ, ବ୍ଲକ ସଂଯୋଜକ ଆଶିଷ ନାଏକ, ଯୋଗ ଶିକ୍ଷକ ରାଧୁ ଚାରଣ କହଁର ଓ କୃଷ୍ଣ ଚନ୍ଦ୍ର ପ୍ରଧାନ, ସମାଜସେବୀ ଚମ୍ପେଶ୍ୱର କହଁର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରୋଗ ପାଇଁ ଯୋଗ ଏବଂ ଆୟୁର୍ବେଦିକ ଉପଚାର ନିତାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ବକ୍ତବ୍ୟ ରଖିଥିଲେ । କନ୍ଧମାଳ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ୨୦ରୁ ଅଧିକ ଶିବିରାର୍ଥୀ ଯୋଗ ଦେଇଛନ୍ତି । ତାଲିମ ଆଗାମୀ ଦଶ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଶିବିରାର୍ଥୀ ମାନେ ଯୋଗ ଓ ଆୟୁର୍ବେଦ ଚିକିତ୍ସା ନିଜଗ୍ରାମ ଓ ପଞ୍ଚାୟତରେ ଲୋକଙ୍କୁ ଯୋଗ ଶିକ୍ଷା ଓ ଆୟୁର୍ବେଦ ଚିକିତ୍ସା ଯୋଗାଇବା ସହ ସଚେତନ କରିପରିବେ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି ।

## ଶୀତ ମହୋତ୍ସବ ତୁଷାରର ତୃତୀୟ ସନ୍ଧ୍ୟା

# ଅନ୍ତରା ଚକ୍ରବର୍ତ୍ତୀ ମୁଖ୍ୟ ଆକର୍ଷଣ, ସଂଗୀତରେ ଝୁମିଲେ ଦର୍ଶକ





ଜି.ଉଦୟଗିରି,୫ ।୨(ସମିସ): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ଓଡ଼ିଶାର ସର୍ବନିମ୍ନ ତାପମାତ୍ରା ସହ ସବୁଠାରୁ ଶୀତଳତମ ସହର ଭାବେ ପରିଚିତ । ଏଠାକାର ସବୁଜ ବନାନୀ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମି ବିକାଶ ସହ ଅଞ୍ଚଳର ଐତିହ୍ୟ ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ସ୍ଥାନୀୟ କଳିଙ୍ଗ ମିନି ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଆୟୋଜିତ ଶୀତ ମହୋତ୍ସବ ତୁଷାରର ତୃତୀୟ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ରଙ୍ଗାରଙ୍ଗ ଓ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାରୁ ମହୋତ୍ସବ ପଡ଼ିଆରେ ଦର୍ଶକଙ୍କ ଭିଡ଼ ଲକ୍ଷ୍ୟ କରାଯାଇଥିଲା। ସ୍ଥାନୀୟ କଳାକାର ଲୋକକଳା ଓ ସଂସ୍କୃତିକୁ ଆଧାର କରି ବିଭିନ୍ନ ଆକର୍ଷଣୀୟ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ଜିତିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ସଙ୍ଗୀତ ଦଳ। ତାଙ୍କ ସୁମଧୁର କଣ୍ଠସ୍ୱର ଓ ମନୋହର ସଙ୍ଗୀତ ପରିବେଷଣରେ ଲୋକେ ମନୋମୁଗ୍ଧ ହୋଇଯାଇଥିଲେ। ଗୀତର ତାଳେ ଦର୍ଶକମାନେ ଝୁମିଉଠିଥିଲେ ଏବଂ ମହୋତ୍ସବ ଉତ୍ସାହରେ ଭରିଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଅତିରିକ୍ତ ପୁଲିସ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ସାହିତ୍ୟକାର ପ୍ରବୀଣ କୁମାର ବଣୁଆ, ବିଡିଓ ତଥା ଶୀତ ମହୋତ୍ସବ ଅଧକ୍ଷ ସତ୍ୟନାରାୟଣ ମିଶ୍ର, କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମହମ୍ମଦ ଜିଆଉଦିନ ଅହମ୍ମଦ, ତହସିଲଦାର ରଞ୍ଜନ କୁମାର ସାହୁ, ଇଓ ଆଶୁତୋଷ ଗୌରବ କର, ଉପାଧକ୍ଷ ସନ୍ତୋଷ କୁମାର ବାଘ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଓ କାଉନସିଲର ଯୋଗ ଦେଇଥିଲେ। ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ୯ ପରିବର୍ତ୍ତେ ୧୦ ରେ ହେବ ସିଏମ୍ ଟ୍ରଫି ଖୋଖୋ ଚୟନ ଶିବିର

ବ୍ରହ୍ମପୁର,୫ ।୨(ସମିସ): ପ୍ରଥମ ଅନ୍ତଃ ୧୪ବର୍ଷିୟ ସିଏମ୍ କପ ଖୋଖୋ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଚଳିତ ମାସ ୯ ତାରିଖ ପରିବର୍ତ୍ତେ ୧୦ତାରିଖରେ ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳି ନିଜ ଆଧାର କାର୍ଡ ନକଲ(ଜେରକ୍ସ) ଓ ବୟସ ପ୍ରମାଣ ପତ୍ର ସହ ଗିରିସୋଲା ସ୍ଥିତ ମଦନ ମୋହନ ନୋଡାଲ ହାଇସ୍କୁଲରେ ନିଜ କିଟ୍ ସହ ଯୋଗଦେବାକୁ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ କୁହାଯାଇଛି । ଶିବିରରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିଙ୍କ ବୟସ ସୀମା ୧ଜାନୁଆରୀ ୨୦୧୩ ମସିହା ଠାରୁ ୧ଜାନୁଆରୀ ୨୦୧୬ମସିହା ମଧରେ ହୋଇଥିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଇଚ୍ଛୁକ ଖେଳାଳି ଖୋଖୋ ପ୍ରଶିକ୍ଷକ ମଧୁସୂଦନ ବେହେରା, ଆଶିଷ କୁମାର ସାହୁ ଓ ପ୍ରୀତିରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାକୁ ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ପରାମର୍ଶ ଦେଇଛନ୍ତି।

# ଓଏସଏପି ଅଷ୍ଟମ ବାଟାଲିୟନର ବାର୍ଷିକ ଉତ୍ସବ

ଗଞ୍ଜାମ,୫ ।୨(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ଆଧୁନିକ ଓ ସମ୍ବଲପୁରୀ ସଂଗୀତର ମଧୁର ମୂର୍ଚ୍ଛନାର ତାଳେ ତଳେ ହାବିଲଦାର ଓ ସିପାହୀ ମାନଙ୍କ ଦଳଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରିବା ସହ ଓପେନ ଜିମ ଓ ଶିଶୁ ଉଦ୍ୟାନ ପାଇଁ ୫ ଲକ୍ଷ ଅର୍ଥରାଶି ଅନୁଦାନ ପାଇଁ ଘୋଷଣା କରିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, କମାଣ୍ଡେଣ୍ଟ ସାରଦା ପ୍ରସାଦ ଦାସ, ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ତଥା କେନ୍ଦ୍ର ପରାମର୍ଶଦାତା ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଏନଏସି ଅଧକ୍ଷା ପ୍ରତିନିଧି ଚନ୍ଦ୍ର ଶେଖର ରେଡି, ମୁଖ୍ୟବକ୍ତା ରାଜ୍ୟ ପୁଲିସ ମହାସଂଘ ସମ୍ପାଦକ କିଶୋର କୁମାର ମହାନ୍ତି ଯୋଗଦେଇ ବାଟାଲିୟନରେ ରହିଥିବା ବିଭିନ୍ନ ସମସ୍ୟା ଓ ହାବିଲଦାର ଓ ସିପାହୀ ମାନଙ୍କ ବିଭିନ୍ନ ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ହାବିଲଦାର ଓ ସିପାହୀ ଶାଖା ସଙ୍ଘ ସଭାପତି ଯୋଶବନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସେଠୀ ସଂଯୋଜନା କରିଥିଲେ। ସମ୍ପାଦକ ଜଗନ୍ନାଥ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ବିଶ୍ୱନାଥ ସେଠୀ ସହ ସମ୍ପାଦକ କେ. ହେମାନନ୍ଦ ରେଡି, ଆର. ସାତୁମ ରେଡି, କୋଷାଧକ୍ଷ ମାରୁତ କୁମାର ପରିଡା, କାର୍ଯ୍ୟକାରୀ ସଭ୍ୟ ଜୟଧର ଶବର ଲକ୍ଷଣ ସାହୁ, ରତିକାନ୍ତ ସାହୁ, ଏସ. ଜଗନ୍ନାଥ ରେଡି ପ୍ରମୁଖ ମଞ୍ଚାସିନ ଥିଲେ।




# ଗଜପତିରେ ଧାନ ସଂଗ୍ରହର ସମୀକ୍ଷା କଲେ ମନ୍ତ୍ରୀ

ପାରଳାଖେମୁଣ୍ଡି, ୫।୨(ସମିସ):



ଗତକାଲି ସରକାରଙ୍କ ଚାଷୀଙ୍କ ମାରଣ ନୀତି ବିରୋଧରେ ଜିଲ୍ଲା ବିଜେଡି ଗର୍ଜିବା ପରେ ଆଜି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଦିନିକିଆ ଗଜପତି ଜିଲ୍ଲା ଗସ୍ତ ରେ ଆସି ଗୋଷାଣି ବ୍ଲକ ଗାରାବନ୍ଧ ଓ ଜଙ୍ଗଲପାଡୁ ଧାନ କ୍ରୟ ମଣ୍ଡି ପରିଦର୍ଶନ କରିବା ସହ ଚାଷୀଙ୍କୁ ଧାନ କ୍ରୟ ବିଷୟରେ ପଚାରି ବୁଝିଥିଲେ। ଗାରାବନ୍ଧରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପହଞ୍ଚିବା ପରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଏହାପରେ ଗାରାବନ୍ଧ ଓ ଜଙ୍ଗଲପାଡୁ ଧାନମଣ୍ଡି ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଚାଷୀ ଧାନ ବିକ୍ରି ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କୁ ଜଣାଇଥିଲେ। ଆଜି ପର୍ଯ୍ୟନ୍ତ ଅଖା କିମ୍ବା ଏବାବଦରେ ଟଙ୍କା ନପାଇବା, ମିଲରଙ୍କ କଟଣୀଛଟଣୀ ନୀତି, ପରିବହନ ବାବଦକୁ ଅଧିକା ଅର୍ଥ ଓ ସମୟ ଅପଚୟ ହେବା ଆଦି ସମ୍ପର୍କରେ ଅବଗତ କରାଇଥିଲେ । ଚାଷୀଙ୍କ ଠାରୁ ସମସ୍ତ ଅଭିଯୋଗ ଶୁଣି ସମସ୍ତ ବ୍ୟବସ୍ଥା ଠିକ୍ କରାଯିବ ବୋଲି କହିଥିଲେ। ଧାନ କ୍ରୟରେ ମିଲରଙ୍କ କାର୍ଯ୍ୟ ନେଇ ମନ୍ତ୍ରୀ ଅସନ୍ତୁଷ୍ଟ ଥିବା ଜଣାପଡିଥିଲା।

- ● ଧାନ ବିକ୍ରିରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଚାଷୀଙ୍କୁ ପଚାରିଲେ
- ● ଜିଲ୍ଲାର ପ୍ରଥମ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଘୋଷଣା

ଏହା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଧାନ ସଂଗ୍ରହର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଉପସ୍ଥିତ ଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ସମେତ ଚଳିତ ଖରିଫ ବର୍ଷ ଧାନ କ୍ରୟ କରିବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲାର ୪୫ ମଣ୍ଡିରେ ସୁଚାରୁ ରୁପେ ଧାନ କ୍ରୟ କରାଯାଉଛି। ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି, ବୃହତ କାର କୃଷି ସମବାୟ ସମିତିରେ ପଞ୍ଜୀକରଣ ହୋଇଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା ରହିଛି । ମନ୍ତ୍ରୀ ଧାନ କ୍ରୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହିତ ଚାଷୀଙ୍କ ଧାନ ସଠିକ ସମୟରେ କିଣିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଶିଳ୍ପ ସମୃଦ୍ଧି କରିବା ପାଇଁ ସରକାର ୭ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର କରିଛନ୍ତି । ଏହି ସମସ୍ତ ଶିଳ୍ପ ସମୟ ସୀମା ମଧରେ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । ଶିଳ୍ପ ପ୍ରତିଷ୍ଠା ହେଲେ ଜିଲ୍ଲାର ବହୁ ସଂଖ୍ୟାରେ ଯୁବକ ଯୁବତୀ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ । ପରେ ପଲିଟେକନିକ୍ କଲେଜ ପରିଦର୍ଶନ କରି ଛାତ୍ର ଛାତ୍ରଙ୍କ ସହିତ ଆଲୋଚନା କରିଥିଲେ । ସେଠାରେ ଜିଲ୍ଲାର ପ୍ରଥମ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ଘୋଷଣା କରିଥିଲେ । ସମୀକ୍ଷା ବୈଠକରେ ସମବାୟ ସମିତିର ଜିଲ୍ଲା ନିବନ୍ଧକ ହରିହର ସେଠ୍, ଆରଏମସି ସମ୍ପାଦକ ରେବତୀ ମୋହନ ରାଉତ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସୁହାନ୍ ଭୋଇ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ବିକଶିତ ଭାରତ-ଜୀ ରାମ ଜୀ କର୍ମଶାଳା

ଛତ୍ରପୁର,୫ ।୨(ସମିସ): ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଦିନିକିଆ କର୍ମଶାଳା ଜିଲ୍ଲା ପରିଷଦ ଗଞ୍ଜାମ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବିକଶିତ ଭାରତ ଜୀ ରାମ ଜୀ ଅଧିନିୟମ ୨୦୨୫ ବିଷୟରେ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା । ବିକଶିତ ଭାରତ ଜୀ ରାମ ଜୀ ପ୍ରମୁଖ ଚାରୋଟି କ୍ଷେତ୍ର ଉପରେ ଯଥା- ଜଳ ସୁରକ୍ଷା ଏବଂ ତତ୍ ସମ୍ପର୍କିତ କାର୍ଯ୍ୟ, ଗ୍ରାମୀଣ ମୌଳିକ ଭିତ୍ତି ଭୂମିର ସୁଦୃଢୀକରଣ, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବା ସହ ପଞ୍ଚାୟତ ଗୁଡିକୁ ଅର୍ଥନୈତିକ ଅଭିବୃଦ୍ଧିରେ ସହଭାଗୀ କରିବା ଉପରେ କେନ୍ଦ୍ରୀଭୂତ । ଭିବି ଜୀ ରାମ ଜୀ ଯୋଜନାର ମୋଟ୍ ବ୍ୟୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ବଣ୍ଟନ କରାଯିବ। କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଜୟ କୁମାର ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ପଣ୍ଡା, ଜିଲ୍ଲା ଯୋଜନା ଅଧିକାରୀ ଏ.କେ.ଦାଶ, ମନରେଗାର ସଂଯୋଜିକା ରୀନା ପାଢୀ, ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟିତ

ଆସିକା,୫ ।୨(ସମିସ): ଆସିକା ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତର ନିଗମାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡଦେଉଳି ସରପଞ୍ଚ ଆରତୀ ଦେବୀ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସଭାପତି ଜିତେନ୍ଦ୍ର କୁମାର ବିଷୋୟୀ, ସମିତି ସଭ୍ୟା ସାୟନ୍ତା ଦଳାଇ, ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ବାଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ପାଠ ପଢା ନିମନ୍ତେ ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଆବଶ୍ୟକ ଥିଲା। ଏହି ନବ ନିର୍ମିତ ଶ୍ରେଣୀ ଗୃହ ଉଦଘାଟନ ହେବା ପରେ ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ପାଠ ପଢା ସୁବିଧା ହେବ।

# ହିନ୍ଦୁ ସମ୍ମିଳନୀ ଓ ପଞ୍ଚ ମହାଯଜ୍ଞ

ପୋଲସରା,୫ ।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷେ ସଂଘର ତୁଙ୍ଗାପଡା ମଣ୍ଡଳ ଆନୁକୂଲ୍ୟରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ସମେତ ଘୃତ, ନାମ, ଅନ୍ନ, ଜ୍ଞାନ ଏବଂ ଗୋ ଆଦି ପଞ୍ଚ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ଆୟୋଜିତ ଏହି ପଞ୍ଚ ମହା ଯଜ୍ଞରେ ନିକଟ ବର୍ତ୍ତୀ ଗ୍ରାମ ମାନଙ୍କରୁ ପ୍ରାୟ ପନ୍ଦର ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଯଜ୍ଞରେ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ । ଜ୍ଞାନ ଯଜ୍ଞରେ ଆମନ୍ତ୍ରିତ ହିନ୍ଦୁ ଧର୍ମର ବିଭିନ୍ନ ପ୍ରତିନିଧି ମାନେ ସାମ୍ପ୍ରତିକ ପରିସ୍ଥିତିରେ ହିନ୍ଦୁ ସମାଜ ସୁସଙ୍ଗଠିତ ହୋଇ ଦେଶର ଅଖଣ୍ଡତା , ସଂସ୍କୃତି ଓ ଧର୍ମର ସୁରକ୍ଷା ପାଇଁ ସଦା ଜାଗ୍ରତ ରହିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଜ୍ଞାନ ଯଜ୍ଞ ମଣ୍ଡପରେ ଓଡିଶୀ ଓ ଭଜନ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ ସମେତ ଅନେକ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ।

